Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:279✦5 February 2026 (Thursday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୭୯✦୫ ଫେବୃଆରୀ ୨୦୨୬ (ଗୁରୁବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା -୬

ଟ୍ରେଡ୍ ଡିଲ୍ ପରେ ଭାରତ-ଆମେରିକା ବଡ଼ ବୈଠକ

ଜୟଶଙ୍କର-ରୁବିଓ ସାକ୍ଷାତ

ନୂଆଦିଲ୍ଲୀ,୪/୨: ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ମଙ୍ଗଳବାର ଆମେରିକାର ଗସ୍ତ କରିଛନ୍ତି । ଗସ୍ତର ପ୍ରଥମ ଦିନରେ, ସେ ଆମେରିକାର ଅର୍ଥ ସଚିବ ସ୍କଟ୍ ବେସାଣ୍ଟ ଏବଂ ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସହିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଏହି ବୈଠକଗୁଡ଼ିକରେ ବାଣିଜ୍ୟ, ଶକ୍ତି, ପରମାଣୁ ସହଯୋଗ, ପ୍ରତିରକ୍ଷା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଭାରତ-ଆମେରିକା ସହଭାଗୀତାକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆଲୋଚନା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସହିତ ଏକ ପ୍ରମୁଖ ବାଣିଜ୍ୟ ଚୁକ୍ତି ଘୋଷଣା କରିବାର ଗୋଟିଏ ଦିନ ପରେ ଜୟଶଙ୍କରଙ୍କ ଏହି ବିଜୟ ଗସ୍ତ କରିଛନ୍ତି । ଚୁକ୍ତି ଅନୁଯାୟୀ, ଭାରତୀୟ ସାମଗ୍ରୀ ଉପରେ ପାରସ୍ପରିକ ଶୁଳ୍କ ୨୫% ରୁ ୧୮% କୁ ହ୍ରାସ କରାଯାଇଛି, ଯାହା ତୁରନ୍ତ କାର୍ଯ୍ୟକାରୀ ହେବ ।ଜୟଶଙ୍କର- ରୁବିଓ ରଣନୈତିକ ସାକ୍ଷାତ- ଓ୍ୱାଶିଂଟନରେ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓଙ୍କୁ ଭେଟିଛନ୍ତି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର । ଐତିହାସିକ ଟ୍ରେଡ୍ ଡିଲ୍ ପରେ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ଏ ନେଇ ଏକ୍ସରେ ସୂଚନା ଦେଇଛନ୍ତି ଜୟଶଙ୍କର ଆଡଜିଜ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗକୁ ନେଇ ବିସ୍ତୃତ ଆଲୋଚନା ହୋଇଛି । 'ବାଣିଜ୍ୟ, ଶକ୍ତି, ପରମାଣୁ, ପ୍ରତିରକ୍ଷା, ପ୍ରଯୁକ୍ତିବିଦ୍ୟା ପ୍ରସଙ୍ଗରେ ଆଲୋଚନା ହୋଇଥିବା ଜଣାପଡିଛି ।

ଉଭୟ ପକ୍ଷ ସହଭାଗୀ ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ଶୀଘ୍ର ପୃଥକ ପ୍ରତିଭାନ ବୈଠକ କରିବାକୁ ରାଜି ହୋଇଛନ୍ତି । ମାର୍କୋ ରୁବିଓ ତାଙ୍କ ପୋଷ୍ଟରେ କହିଛନ୍ତି ଯେ, ଏହି ବୈଠକ ବିଶେଷ ଭାବରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଅନୁସନ୍ଧାନ ଏବଂ ନୂତନ ଆର୍ଥିକ ସୁଯୋଗ ଖୋଲିବା ଉପରେ ଧ୍ୟାନ ଦିଆଯାଇଛି । ଜୟଶଙ୍କର ସ୍କଟ୍ ବେସେଟ ସାକ୍ଷାତ- ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଆମେରିକାର ଅର୍ଥ ସଚିବ ସ୍କଟ୍ ବେସେଟଙ୍କ ସହ ଏକ ସାକ୍ଷାତ ସହିତ ତାଙ୍କ ଗସ୍ତ ଆରମ୍ଭ କରିଥିଲେ । ଜଣେ ଆଲୋଚନା ଅଧିକାରୀ କହିଛନ୍ତି ଯେ, ଏକ ନୂତନ ଭାରତ-ଆମେରିକା ଅର୍ଥନୈତିକ ବୁଝାମାମାକୁ ତ୍ୱରାନ୍ୱିତ କରିବା ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ । ରବିବାର ଘୋଷଣା ହୋଇଥିବା ପ୍ରମୁଖ ବାଣିଜ୍ୟ ଚୁକ୍ତିର ସୂକ୍ଷ୍ମ ବିନ୍ଦୁଗୁଡ଼ିକୁ ତ୍ୱରାନ୍ୱିତ କରିବା ଦିଗରେ ଏହି ଆଲୋଚନାଗୁଡ଼ିକୁ ଏକ ଆବଶ୍ୟକୀୟ ପଦକ୍ଷେପ ଭାବରେ ବର୍ଣ୍ଣନା କରାଯାଇଛି । ବୈଠକ ପରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପୋଷ୍ଟ କରି ଜୟଶଙ୍କର କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଅର୍ଥନୈତିକ ସହଭାଗୀତା ଏବଂ ରଣନୈତିକ ସହଯୋଗକୁ ଆଗକୁ ବଢ଼ାଇବା ଉପରେ ଉପଯୋଗୀ ଆଲୋଚନା ହୋଇଛି । ଟ୍ରେଜେରୀ ବିଭାଗ ସହିତ ଏହି ଆଲୋଚନା ରାଜନୈତିକ ନିଷ୍ପତ୍ତିଗୁଡ଼ିକୁ ନୀତିରେ ପରିଣତ କରିବାରେ ସାହାଯ୍ୟ କରିବ, ବିଶେଷକରି ବାଣିଜ୍ୟ ସୁବିଧା, ବଜାର ପ୍ରବେଶ ଏବଂ ନିୟାମକୀୟ ସମନ୍ୱୟ ଭଳି ପ୍ରସଙ୍ଗରେ ସହାୟକ ହେବ । ଆରମଭରୁ ଶୁଳ୍କ ପ୍ରସଙ୍ଗରେ ନୀରବ ରହି, ଭାଷଣବାଜିରୁ ଦୂରେଇ ରହି ଦେଶର ଅଗ୍ରଗତି ଦିଗରେ କାମ କରିଚାଲିଥିଲେ, ଆଉ ଏବେ ବୈଠକ ଓ ଆଲୋଚନା ମାଧ୍ୟମରେ ଭାରତ-ଆମେରିକା ସମ୍ପର୍କକୁ ପୁଣିଥରେ ଟ୍ରାକ୍ ?କୁ ଫେରାଇ ଆଣିଛନ୍ତି ।

ବଢ଼ିବ ମହାନଦୀ ଟ୍ରିବ୍ୟୁନାଲର କାର୍ଯ୍ୟକାଳ

କେନ୍ଦ୍ରକୁ ଚିଠି ଲେଖିଲେ ସରକାର

ଭୁବନେଶ୍ୱର, ୪/୨(ନି/ପ୍ର): ବଢିବ ମହାନଦୀ ଟ୍ରିବ୍ୟୁନାଲ କାର୍ଯ୍ୟକାଳ । ଆହୁରି ୯ ମାସ ବୃଦ୍ଧି କରିବାକୁ ଚିଠି ଲେଖିଲେ ରାଜ୍ୟ ସରକାର । ଏନେଇ ରାଜସ୍ୱ ମନ୍ତ୍ରୀ ସୁରେଶ ମୂଲାରୀ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଜଳ ବିବାଦ ସମସ୍ୟାର ସମାଧାନ ସମୟ ସାପେକ୍ଷ । ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବ ।ମନ୍ତ୍ରୀ କହିଛନ୍ତି ଯେ, ଗଣତନ୍ତ୍ର ବ୍ୟବସ୍ଥାରେ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ହେବ । ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ଅଧ୍ୟକ୍ଷ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି । ଟ୍ରିବ୍ୟୁନାଲରେ ମହାନଦୀ ଜଳ ବିବାଦର ସମସ୍ୟା ସମାଧାନ ସମୟ ସାପେକ୍ଷ । ଜଥାବାର୍ତା ମଧ୍ୟମରେ ସମସ୍ୟାର ସମାଧାନ କରିବୁ । ବିଧାନସଭାରେ ପୂର୍ବତନ ଜଳ ସମ୍ପଦ ମନ୍ତ୍ରୀ ଯେଉଁଭଳି ତଥ୍ୟ ଦେଇଥିଲେ, ତାକୁ ଅସ୍ତ୍ର ଭାବେ ବ୍ୟବହାର କରୁଛି ଛତିଶଗଡ଼ ।

ଜାପାନରେ ତାଣ୍ଡବ ରଚିଛି ତୁଷାରପାତ

ଟୋକିଓ,୪/୨: ଜାପାନର ଉତର ଭାଗରେ ପ୍ରକୃତି ତାଣ୍ଡବ ରଚିଛି । ଗତ ଦୁଇ ସପ୍ତାହ ଧରି ପ୍ରବଳ ତୁଷାରପାତ ସମଗ୍ର ସହରକୁ ଧଳା ମୃତ୍ୟୁର ଚାଦରରେ ଘୋଡ଼ାଇ ଦେଇଛି । ଜାପାନୀ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ, ତୁଷାରପାତ ଯୋଗୁ ଏପର୍ଯ୍ୟନ୍ତ ୩୫ ଜଣଙ୍କ ଜୀବନ ଯାଇଛି । ମୃତକଙ୍କ ମଧ୍ୟରେ ଅଧିକାଂଶ ଲୋକଙ୍କର ଛାତରୁ ବରଫ ହଟାଇବା ସମୟରେ ଖସି ପଡ଼ି ମୃତ୍ୟୁ ହୋଇଥିବାବେଳେ କେତେଜଣ ହଠାତ୍ ହୃଦଘାତର ଶିକାର ହୋଇ ଜୀବନ ଯାଇଛି । ଅଧିକାରୀଙ୍କ ଅନୁଯାୟୀ, ବୁଧବାର ସୁଦ୍ଧା, ଜାପାନର ୧୫ଟି ପ୍ରାନ୍ତ ଏହି ବିପର୍ଯ୍ୟୟ ଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହୋଇଛି । କିଛି ଅଂଚଳରେ ୨ ମିଟର ପର୍ଯ୍ୟନ୍ତ ବରଫ ଆଚ୍ଛାଦିତ ହୋଇଛି । ଜାପାନର ପ୍ରମୁଖ ଧାନ ଉତ୍ପାଦନକାରୀ ଅଞ୍ଚଳ ନିଗାତା ପ୍ରାନ୍ତର ପରିସ୍ଥିତି ସବୁଠାରୁ ଗମ୍ଭୀର ରହିଛି । ସେଠାରେ ୧୨ ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି । ଆଜିଠାରେ ସାତ ଜଣ ଓ ୟାମାଗାଟାରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ଆଓମୋରି ଅଞ୍ଚଳରେ ୧୮୩ ସେଣ୍ଟିମିଟର ତୁଷାରପାତ ରେକର୍ଡ କରାଯାଇଛି । ଗତ ୪୦ ବର୍ଷ ମଧ୍ୟରେ ଏହା ସର୍ବାଧିକ । ସୂଚନା ଅନୁଯାୟୀ, ତୁଷାରପାତରେ ଏପର୍ଯ୍ୟନ୍ତ ୩୦୩ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୧୨୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ମୁମ୍ବାଇ ବିମାନବନ୍ଦରରେ ଦୁର୍ଘଟଣା : ଅଳ୍ପକେ ବର୍ତିଲେ ଦୁଇ ବିମାନ

ମୁମ୍ବାଇ,୪/୨ : ମୁମ୍ବାଇ ବିମାନବନ୍ଦରର ରନୱେରେ ଟ୍ୟାକ୍ସି କରୁଥିବା ସମୟରେ ଆଜି ଦୁଇଟି ଯାତ୍ରୀବାହୀ ବିମାନର ଡେଣା ପରସ୍ପର ସହିତ ଧକ୍କା ହୋଇଛି । ଏୟାର ଇଣ୍ଡିଆ ବିମାନ ଏଆଇ୭୭୩୨ ଓ ଇଣ୍ଡିଗୋ ବିମାନ ୬ଇ ୭୯୧ର ଡେଣା ପରସ୍ପର ସହିତ ମାଡ଼ ହୋଇଥିବା ବିମାନ ଚଳାଚଳ ନିୟାମକ ଡିଜିସିଏ ଏକ ବିବୃତିରେ କହିଛି । ଉଭୟ ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ଏୟାରଲାଇନ୍ସ ଏହି ଘଟଣାକୁ ସ୍ୱୀକାର କରିଛନ୍ତି । ବିମାନ ଦୁଇଟିର ଡେଣା ପରସ୍ପରକୁ ସ୍ପର୍ଶ କରିବା ପରେ ଏହାକୁ 'ବେ'କୁ ଯାଚଁ ପାଇଁ ନିଆଯାଇଥିଲା ବୋଲି ଡିଜିସିଏ ପକ୍ଷରୁ କୁହାଯାଇଛି । ଏୟାର ଇଣ୍ଡିଆର ବିମାନଟି ତାମିଲନାଡୁର ଚେନ୍ନାଏୟାଡୁକୁ ଉଡ଼ାଣ ପାଇଁ ଟ୍ୟାକ୍ସି କରୁଥିବା ବେଳେ ଇଣ୍ଡିଗୋ ବିମାନଟି ହାଇଦ୍ରାବାଦରୁ ପହଞ୍ଚିବା ପରେ ଟ୍ୟାକ୍ସି କରୁଥିବା ବେଳେ ରନୱେରେ ଦୁଇଟି ବିମାନର ଡେଣା ପରସ୍ପର ସହିତ ମାଡ଼ ହୋଇଥିଲା, ଯାହା ଫଳରେ ଉଭୟ ବିମାନର ଧାତୁ ଅଂଶରେ କ୍ଷତ ସୃଷ୍ଟି ହୋଇଥିଲା । ତେବେ ଦୁଇଟି ଯାକ ବିମାନର ଯାତ୍ରୀ ସୁରକ୍ଷିତ ଅଛନ୍ତି । ବିମାନରେ ମରାମତି ସମ୍ପର୍କିତ ଯାଚଁ କରାଯାଉଛି ଓ ସମ୍ପୂର୍ଣ୍ଣ ଘଟଣା ନେଇ ଯାଚଁ କରାଯାଉଥିବା ଇଣ୍ଡିଗୋ ବିମାନର ପ୍ରବକ୍ତା କହିଛନ୍ତି । ଏୟାର ଇଣ୍ଡିଆ ବିମାନର ଡେଣା କ୍ଷତିଗ୍ରସ୍ତ ହୋଇଥିବା ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି । ବିମାନର ଯାଚଁ ଚାଲିଥିବାବେଳେ ଯାତ୍ରୀମାନଙ୍କୁ ଯଥାଶୀଘ୍ର ସେମାନଙ୍କ ଗନ୍ତବ୍ୟସ୍ଥଳକୁ ପଠାଯିବାକୁ ଏୟାରଲାଇନ୍ସ ପକ୍ଷରୁ ବିକଳ୍ପ ବ୍ୟବସ୍ଥା କରାଯାଇଥିବା ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ।

ସାଉଦି ଆରବ ସହ ବନ୍ଧୁତା ପାକିସ୍ତାନକୁ ପଡ଼ିଲା ମହଙ୍ଗା

ଶୀଘ୍ର ଋଣ ଟଙ୍କା ଫେରାଇବାକୁ ଦାବି କଲା ୟୁଏଇ, କାଙ୍ଗାଳ ହୋଇଯିବ ପାକିସ୍ତାନ

ନୂଆଦିଲ୍ଲୀ,୪/୨: ସାଉଦି ଆରବ ବଳରେ ନିଜକୁ ବଳିଆ କରିବା ଚିନ୍ତାଧାରା ନେଇ ସାଉଦି ଆରବ ସହ ସମ୍ପର୍କ ବାଣ୍ଟିଥିଲା ପାକିସ୍ତାନ, କିନ୍ତୁ ଏହି ବନ୍ଧୁତା ପାକିସ୍ତାନ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ୟୁନାଟେଡ୍ ଆରବ ଏମିରେଟ୍ସ (ୟୁଏଇ)ଠୁ ପାକିସ୍ତାନ ନେଇଥିବା ଋଣ ଜଥାଶୀଘ୍ର ପରିଶୋଧ କରିବା ପାଇଁ ସିଧା ସିଧା ଶୁଣାଣ ଦେଇଛି ୟୁଏଇ । ୟୁଏଇ ପାକିସ୍ତାନକୁ ୨ ବିଲିୟନ ଡଲାର ଋଣ ପ୍ରଦାନ କରିଛି । ଦୁଇଟି କିସ୍ତିରେ ଏହି ଋଣ ପ୍ରଦାନ କରିଛି ୟୁଏଇ, ଅର୍ଥାତ୍ ପ୍ରଥମେ ୧ବିଲିୟନ୍ ଡଲାର, ପରେ ପୁଣି ୧ବିଲିୟନ୍ ଡଲାର ପାକିସ୍ତାନକୁ ଋଣ ଆକାରରେ ଦେଇଛି ୟୁଏଇ । ଏହି ଋଣ ସୁଧିବାର ଶେଷ ତାରିଖ ଥିଲା ଜାନୁଆରି ୧୬ ଓ ୨୨ ତାରିଖ । କିନ୍ତୁ ଏହି ସମୟସୀମା ମଧ୍ୟରେ ଋଣ ପରିଶୋଧ କରିନପାରିବାରୁ ପାକିସ୍ତାନକୁ ଆଉ ୩୦ଦିନର ମହଲତ ଦେଇଛି ୟୁଏଇ । ତଥାପି ପାକିସ୍ତାନ ଆହୁରି ସମୟ ଚାହୁଁଛି ଏବଂ ସୁଧ ହାର କମାଇବା ପାଇଁ ଗୁହାରି କରୁଛି । ବର୍ତ୍ତମାନର ୬.୫% ସୁଧ ହାରରେ ପାକିସ୍ତାନକୁ ଋଣ ପ୍ରଦାନ କରିଛି ୟୁଏଇ । ତଥାପି ପାକିସ୍ତାନ ସୁଧ ହାର ହ୍ରାସ ଏବଂ ଦୀର୍ଘ ଅବଧି ଚାହୁଁଛି । ୟୁଏଇ କିନ୍ତୁ ଆଉ ଅଧିକ ସମୟ ବଢ଼ାଇବାକୁ ଚାହୁଁନି । କଠୋର ମନୋଭାବ ଗ୍ରହଣ କରି କେବଳ ଗୋଟିଏ ମାସ ମଞ୍ଜୁର କରିଛି । ଏହା ପ୍ରଥମ ଥର ଘଟିଛି, ଯେଉଁଠି ୟୁଏଇ ପାକିସ୍ତାନକୁ ଋଣ ପରିଶୋଧ ପାଇଁ ଏତେ କମ୍ ସମୟସୀମା ପ୍ରଦାନ କରିଛି । ଏହାକୁ ସାଉଦି ଆରବ ଓ ୟୁଏଇ ମଧ୍ୟରେ ଚାଲିଥିବା ଉଚ୍ଚସ୍ତର ସହ ଯୋଡା ଯାଇଛି । ସବୁ କ୍ଷେତ୍ରରେ ପାକିସ୍ତାନ ଖୋଲାଖୋଲି ଭାବରେ ସାଉଦି ଆରବଙ୍କୁ ସମର୍ଥନ କରିଆସୁଛି । ଏହି ପରିପ୍ରେକ୍ଷୀରେ, ୟୁଏଇ ପାକିସ୍ତାନ ଉପରେ ନିଜର ଦବଦବା ଜାହିର କରିବା ପାଇଁ କଠୋର ମନୋଭାବ ଅପଣାଇଥିବା କୁହାଯାଉଛି । ଯଦି ୟୁଏଇ ତାର କଠୋର ମନୋଭାବ ବଜାୟ ରଖେ, ତେବେ ପୂର୍ବରୁ ଏକ ଜଟିଳକର ଆର୍ଥିକ ପରିସ୍ଥିତି ଦେଇ ଗତି କରୁଥିବା ପାକିସ୍ତାନ ଏକ ବଡ଼ ସଙ୍କଟର ସମ୍ମୁଖୀନ ହୋଇପାରେ । ରିପୋର୍ଟରେ କୁହାଯାଇଛି, ଏସବିପି (ପାକିସ୍ତାନର ମୁଖ୍ୟ ବ୍ୟାଙ୍କ)ର ଗଭର୍ଣ୍ଣର କମିଲ ଅହମ୍ମଦ ୟୁଏଇ ସରକାରଙ୍କୁ ୨.୫ ବିଲିୟନ ଡଲାର ଋଣକୁ ଦୁଇ ବର୍ଷ ବୃଦ୍ଧି କରିବା ଏବଂ ସୁଧ ହାରକୁ ଅଧା କରିବାକୁ ଅନୁରୋଧ କରିଥିଲେ । ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ପରବର୍ତ୍ତୀ ସମୟରେ ୟୁଏଇ ରାଷ୍ଟ୍ରପତିଙ୍କୁ ସମାନ ଅନୁରୋଧ କରିଥିଲେ ।

୨ ଜୈଶ୍ ଆତଙ୍କୀ ନିହତ

ଉଧମପୁର,୪/୨: ଜମ୍ମୁ କାଶ୍ମୀରରେ ସୁରକ୍ଷା ବାହିନୀଙ୍କୁ ଏକ ବଡ଼ ସଫଳତା ମିଳିଛି । ଉଧମପୁରରେ ସୁରକ୍ଷାକର୍ମୀଙ୍କ ଗୁଳିରେ ୨ ଜୈଶ୍ ଆତଙ୍କବାଦୀ ନିହତ ହୋଇଥିବା ସୂଚନା ମିଳିଛି । ନିହତଙ୍କ ମଧ୍ୟରେ ଜୈସ୍ ଜମାଣ୍ଡର ଥିବା ଜଣାପଡିଛି । ଗତବାଲିଠାରୁ ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଏନକାଉଣ୍ଟର ଚାଲିଛି । ଜମ୍ମୁ କାଶ୍ମୀର ପୁଲିସର ରିପୋର୍ଟ ଅନୁଯାୟୀ ଉଧମପୁରର ବନସନ୍ତଗଢ଼ ଅଞ୍ଚଳରେ ଜମ୍ମୁ କାଶ୍ମୀର ପୁଲିସ, ଭାରତୀୟ ସେନା ଏବଂ ସିଆରପିଏଫ ଙ୍କ ମିଳିତ ଏନକାଉଣ୍ଟରରେ ଦୁଇ ଜଣ ଆତଙ୍କବାଦୀ ମୃତ୍ୟୁବରଣ କରିଛନ୍ତି ।

ଖୋର୍ଦ୍ଧା ନବୋଦୟ ବିଦ୍ୟାଳୟରେ ଜଣ୍ଡିସ୍ ଆତଙ୍କ, ପ୍ରିନ୍ସିପାଲ ନିଲମ୍ବିତ

ଖୋର୍ଦ୍ଧା,୪/୨(ନି/ପ୍ର): ଖୋର୍ଦ୍ଧା ଗୁରୁଜଙ୍କ ଜବାହାର ନବୋଦୟ ବିଦ୍ୟାଳୟ କ୍ୟାମ୍ପସରେ ଜଣ୍ଡିସ୍ ବ୍ୟାପିବା ଘଟଣା । ନିଲମ୍ବନ ହେଲେ ପ୍ରିନ୍ସିପାଲ କବିତା କର । ଭାଇସ୍ ପ୍ରିନ୍ସିପାଲ୍ ନୃସିଂହ ଚରଣ ଚକ୍ରଙ୍କୁ ଭାରପ୍ରାପ୍ତ ପ୍ରିନ୍ସିପାଲ୍ ଦାୟିତ୍ୱ ଭାର ଦିଆଯାଇଛି । ନବୋଦୟ ବିଦ୍ୟାଳୟ ସମିତି କର୍ତ୍ତୃପକ୍ଷ ଏନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି । ନିଲମ୍ବିତ ପ୍ରିନ୍ସପାଲ୍ ଶ୍ରୀମତୀ କରଙ୍କୁ ଭୋପାଳ ସ୍ଥିତ ଆଚଂଳିକ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ଯୋଗ ଅବହେଳା କାରଣରୁ ବିଦ୍ୟାଳୟରେ ଜଣ୍ଡିସ୍ ବ୍ୟାପକ ରୂପ ନେଇଥିଲା । ପରିସ୍ଥିତି ଏମିତି ହୋଇଥିଲା ଯେ, କଥା ଖୋର୍ଦ୍ଧାରୁ ବିଲ୍ଲୀ ଯାଏ ଯାଇଥିଲା । ବିଲ୍ଲୀ ଟିମ୍, ଭୋପାଳ ଟିମ୍ ଆସି କ୍ୟାମ୍ପସ୍ ପରିସ୍ଥିତି ଯାଚଁ କରିବାକୁ ବାଧ ହୋଇଥିଲେ । ପ୍ରାୟ ୯୦ରୁ ଅଧିକ ବିଦ୍ୟାର୍ଥୀ, ସ୍କୁଲ୍ କର୍ମଚାରୀ ଜଣ୍ଡିସ୍ କବଳରେ ଆକ୍ରାନ୍ତ ହୋଇଥିଲେ । ସଂକ୍ରମଣ ବଢ଼ିବା ହେବା କାରଣରୁ ସ୍କୁଲ୍ କର୍ତ୍ତୃପକ୍ଷ ବିଦ୍ୟାଳୟକୁ ବନ୍ଦ କରିବାକୁ ବାଧ ହୋଇଥିଲେ ।

ଶ୍ରୀମନ୍ଦିରରେ ରାଷ୍ଟ୍ରପତି, ମହାପ୍ରଭୁଙ୍କ କଲେ ଦର୍ଶନ



ପୁରୀ,୪/୨(ନି/ପ୍ର):ପୁରୀ ଶ୍ରୀମନ୍ଦିରରେ ଦର୍ଶନ ସାରି ତିନି ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଲୁ-ଲୁ ସିକ୍ୟୁରିଟି ଅନୁଯାୟୀ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି, ମଙ୍ଗଳବାର ଏହାର ସମୀକ୍ଷା କରିଛନ୍ତି ଏଡିଜି ଦୟାଲ ଗାଙ୍ଗଧ୍ୱାର ଓ ମୟୂରଭଞ୍ଜ ଏସପି ବରୁଣ ଗୁଡୁଂପାଲି । ପ୍ରତି କାର୍ଯ୍ୟକ୍ରମ ସ୍ଥଳରେ ଜଣେ ଲେଖାଏଁ ଅଭିଜ୍ଞ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସୁରକ୍ଷା ବ୍ୟବସ୍ଥା ନେଇ ନିୟୋଜିତ କରାଯାଇଛି । କୋଣସି ପ୍ରକାର ତ୍ରୁଟିମୁକ୍ତ ଭାବେ ପ୍ରୋଟୋକଲ ଅନୁଯାୟୀ ସୁରକ୍ଷା ବ୍ୟବସ୍ଥା କିପରି ହେବ ସେନେଇ ପୋଲିସ ବିଭାଗ ସଚେତନ ରହିଛି । ସୁରକ୍ଷା ଦୃଷ୍ଟିରୁ ସହରରେ ୪୮ ପ୍ଲାଟୁନ ପୋଲିସ ଫୋର୍ସ ଓ ଶତାଧିକ ପୋଲିସ ଅଫିସର ମୁତୟନ ରହିବେ ବୋଲି ସୂଚନା ଦେଇଛନ୍ତି ମୟୂରଭଞ୍ଜ ଏସପି ବରୁଣ ଗୁଡୁଂପାଲି । ୬ ଜଣ ଏସପି ଓ କମାଣ୍ଡାଣ୍ଟ ରାଙ୍କ ଅଫିସର, ୧୨ ଜଣ ଏଏସପି ଡେପୁଟି କମାଣ୍ଡାଣ୍ଟ ଅଫିସର , ୨୭ ଡିଏସପି ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଅଫିସର, ୬୦ ଇନ୍ସପେକ୍ଟର, ୧୬୦ ଏସଆଇ ୩୪୦ ହୋମଗାର୍ଡ,୩ ଟି ଏଣ୍ଡିରି ଟିମ୍,୨ ଟି ଡିବିଏଫ ଟିମ୍ ଏବଂ ଗୋଟିଏ ଓଡ଼ାଫ ଟିମ୍ ମୁତୟନ କରାଯାଇଛି । ମହାମହିମ ଙ୍କ ଗସ୍ତକୁ ନେଇ ପୋଲିସ ବିଭାଗ ପ୍ରସ୍ତୁତ ରହିଛି । ଏହା ପୂର୍ବରୁ ରାଷ୍ଟ୍ରପତି ଯାଜପୁର ଗସ୍ତରେ ଯାଇଥିଲେ ସେଠାରେ ମା ବିରଜଙ୍କୀ ଦର୍ଶନ କରିଥିଲେ ଏବଂ ନାଭିଗୟାରେ ପିଣ୍ଡଦାନ କରିଥିଲେ ।

ଇରାନ ଡ୍ରୋନ୍‌କୁ ମାରି ଖସାଇଲା ଆମେରିକା ଲଢୁଆ ବିମାନ



ତେହେରାନ,୪/୨: ଆମେରିକା-ଇରାନ ମଧ୍ୟରେ ଉତେଜନା ଚରମ ସ୍ଥିତିରେ ପହଞ୍ଚିବାରେ ଲାଗିଛି । ଆରବ ସାଗରରେ ଦୁଇ ଦେଶ ମଧ୍ୟରେ ମୁହାଁମୁହିଁ ସ୍ଥିତି ଦେଖିବାକୁ ମିଳିଛି । ଆରବ ସାଗରରେ ମୁତୟନ ତା'ର ଯୁଦ୍ଧ ଜାହାଜ ଆଡ଼କୁ ଆକ୍ରାମକ ଭାବେ ମାଡ଼ି ଆସୁଥିବା ଇରାନର ଏକ ଡ୍ରୋନ୍‌କୁ ଏହାର ଫାଇଟର ଜେଟ୍ ଗୁଳି କରି ଖସାଇ ଦେଇଥିବା ଆମେରିକା ଦାବି କରିଛି । ଆରବ ସାଗରରେ ମୁତୟନ ଏହାର ବିମାନ ବାହକ ୟୁଏସ୍‌ଏସ୍ ଆବ୍ରାହମ୍ ଲିଙ୍କନ ଆଡ଼କୁ ମାଡ଼ି ଆସୁଥିବା ଇରାନ ଡ୍ରୋନ୍‌କୁ ଏହାର ଲଢୁଆ ବିମାନ ଗୁଳି କରି ଖସାଇ ଦେଇଥିବା ଆମେରିକା ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି । ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ୍ ଲିଭିଟ୍ ଫକ୍ସ ନ୍ୟୁଜ୍‌କୁ କହିଛନ୍ତି ଯେ, ଏହି ଘଟଣା ସତ୍ତ୍ୱେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚଳିତ ସପ୍ତାହର ଶେଷ ଭାଗରେ ଇରାନ ସହ ଆଲୋଚନା କରିବେ ବୋଲି ଆଶା କରାଯାଉଛି । ଆମେରିକା

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax : (06767) 253316
Email: utkalsamachar@gmail.com, Mob: 9437086122

ପ୍ରଶାସନିକ ସ୍ତରରେ ଲୋକଙ୍କ ସମସ୍ୟାର ସମାଧାନ :

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣି ଶିବିର

କେନ୍ଦୁଝର,୪/୨(ନି/ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ବଡବାର ହଲ୍ ଠାରେ ଆଜି ଜିଲ୍ଲାସ୍ତରୀୟ ସୁସ୍ଥ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ । ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି ।ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ରାଜସ୍ୱ, ଆବାସ, ପାନୀୟ ଜଳ, ରାସ୍ତା, ବୃଦ୍ଧାଭତା, ସ୍ୱାସ୍ଥ୍ୟ, ବିଦ୍ୟୁତ ଓ ଶିକ୍ଷା ସମ୍ପର୍କିତ ସମସ୍ୟା ଉପସ୍ଥାପନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆଜିର ଏହି ଶିବିରରେ ମୋଟ ୧୬୬ ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଛି ।ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୧୪୯ ଟି, ସାମୁହିକ ଅଭିଯୋଗ ୨୭ଟି, ରେଡକ୍ରସ ସହାୟତା ପାଇଁ ୧୪ଟି ଆବେଦନ ଗ୍ରହଣ କରାଯାଇଛି । ୩୮ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଏହି ଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ନାତିନ କୁଣ୍ଡକଳ,ବନଖଣ୍ଡ ଅଧିକାରୀ ଧନରାଜ ଏଚ. ବି,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଜନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାରାଭୂଷଣ ଓ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ବୁଝିଥିଲେ । ସୂଚନାଯୋଗ୍ୟ ଯେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ଫେବୃଆରୀ ମାସର ପରବର୍ତ୍ତୀ ଶୁଣାଣିଗୁଡ଼ିକ ବିଭିନ୍ନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ରେ ନିମ୍ନରେ ଅନୁଷ୍ଠିତ ହେବ:୦୯।୦୨।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଷିପୁରା ୧୬।୦୨।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ ଚମ୍ପୁଆ ୨୩।୦୨।୨୦୨୬ (ସୋମବାର) ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରିଚନ୍ଦନପୁର । ଅଂଚଳବାସୀ ଏହି ସୁଯୋଗର ସଦୁପଯୋଗ କରି ନିଜ ନିଜର ସମସ୍ୟା ପ୍ରଶାସନ ନିକଟରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯାଇଛି ।

'ମା ପାଇଁ ଗଛଟିଏ'ର ଏକ ସଭା ଆୟୋଜନ

କେନ୍ଦୁଝର, ୪/୨(ନି/ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବନାଯୋଡି ସ୍ଥିତ ଆନନ୍ଦାଶ୍ରମର ସମସ୍ତ ଅନ୍ତେବାସୀ ଆଇଡିଆଲ୍ ଡେଭଲେପମେଂଟ ଏଜେନ୍ସିର ସମସ୍ତ କର୍ମଚାରୀ, ସାଲ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ 'ମା ପାଇଁ ଗଛଟିଏ ' ର ଏକ ସଭା ଆୟୋଜନ କରାଯାଇଥିଲା । ଆଇଡିଆଲ୍ ଡେଭଲେପମେଂଟ ଏଜେନ୍ସିର ପ୍ରତିଷ୍ଠାତ୍ରୀ ଶ୍ରୀମତୀ ସେବତୀ ସିଂ ସଭାରେ ବୃକ୍ଷ ଓ ପରିବେଶର ଉପାଦେୟତା ବିଷୟରେ ବୁଝାଇଥିଲେ । ସଂଗାଦକ ଚନ୍ଦ୍ରଭାନ୍ତ ବରାଳ ମାନବ ସମାଜ ପ୍ରତି ମାତୃତୁଲ୍ୟ ଅବଦାନ ଅତି ସୁନ୍ଦର ଭାବରେ ବୁଝାଇଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ଦ୍ୱିବେଦୀ ବୃକ୍ଷର ମାନବ ସମାଜ ପ୍ରତି ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ । ସାଲ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ବୃକ୍ଷ ଓ ସମାଜ ଉପରେ ଏକତିତାକର୍ଷକ ନାଟକ ପରିବେଷଣ କରିଥିଲେ । ଆନନ୍ଦାଶ୍ରମର ଅନ୍ତେବାସୀ, କର୍ମଚାରୀ, ସାଲ ଆନନ୍ଦ ବିଦ୍ୟାଳୟ ସମୂହର ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ମିଳିତ ହୋଇ ଆନନ୍ଦାଶ୍ରମରେ ବିଭିନ୍ନ ଫଳ ଜାତୀୟ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଜିନ୍ଦକ୍ଷମ ସଶକ୍ତିକରଣ ବିଭାଗ ର ଅଧିକାରୀଶ୍ରୀ ଭୁବନେଶ୍ୱରୀ ମହାନ୍ତ ସହଯୋଗର ହାତ ବଢାଇଥିଲେ ।

ନିକଲସନ ବନବିଦ୍ୟାଳୟକୁ ପରିଦର୍ଶନ କଲେ ମନ୍ତ୍ରୀ

ଚମ୍ପୁଆ, ୪/୨(ନି/ପ୍ର): ଚମ୍ପୁଆ ନିକଲସନ ବନବିଦ୍ୟାଳୟକୁ ଆଜି ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ପରିଦର୍ଶନ କରିଛନ୍ତି । ଗତ ତା ୧୩ରିଖ ଦିନ ଆଭାରୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାଳୁଡ ପ୍ରମୁଖ ଏହି ଉଦଘାଟନରେ ସାମିଲ ଥିଲେ । ମାତ୍ର ସେତେବେଳେ ମନ୍ତ୍ରୀ ଆସିନଥିବା କାରଣରୁ ଆଜି ଅଚାନକ ଗସ୍ତ କ୍ରମରେ ଆସି ପରିଦର୍ଶନ କରି ଫେରି ଯାଇଛନ୍ତି । କେନ୍ଦୁଝର ବନଖଣ୍ଡ ଅଧିକାରୀ ଏବ୍.ତି ହନୁମନ୍ତ, ଏସିଏଫ୍ ଅଶୋକ ଦାସ, ଏସିଏଫ୍ ନିକଲସନ ବନବିଦ୍ୟାଳୟ ରବୀନ କିଷ୍ଟୁ, ଚମ୍ପୁଆ ରେଞ୍ଜ ଅଧିକାରୀ ଏସିଏଫ୍ ଅଶ୍ରୟ ରତ୍ରିଆ ପ୍ରମୁଖଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ । ବିଦ୍ୟାଳୟର ଅତଳ ଅତିରିକ୍ତମ, ମହାମ୍ଭାଗ୍ରାଣ୍ଡ ପାଠାଗାର, ଜିମ୍ କେନ୍ଦ୍ର, ଡିଜିଟାଲ ଲାଇବ୍ରେରୀ, ଜମ୍ବୁଟର ଲାବୋରେଟରୀ ଆଦି ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ । ପ୍ରତିଷ୍ଠାର୍ଥୀମାନଙ୍କ ସହିତ ସାକ୍ଷାତ ଆଲୋଚନା କରି ବିଭିନ୍ନ ସମସ୍ୟା ଓ ତା'ର ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ ।

ନାବାଳିକାକୁ ଦୁଷ୍କର୍ମ ପ୍ରୟାସ ବିଫଳ, ଅଭିଯୁକ୍ତଙ୍କ କୁଶ ପୁତଳିକା ଦାହ କଲେ ସ୍ଥାନୀୟ ଲୋକେ

ଚମ୍ପୁଆ,୪/୨(ନି/ପ୍ର): ଚମ୍ପୁଆ ଉପଖଣ୍ଡସ୍ଥ ବଲାଣି ଥାନା ଅନ୍ତର୍ଗତ ବାଲାଘୋଡା ଗ୍ରାମର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିବା ଅଭିଯୋଗରେ ବଲାଣି ବସଷ୍ଟାଣ୍ଡ ଅଞ୍ଚଳର ଲମ୍ବୋଦର ପଲେଇ ନାମରେ ବଲାଣି ଥାନାରେ ଏକ ଲିଖିତ ଅଭିଯୋଗ ଦିଆଯାଇଛି । ସୂଚନା ଯୋଗ୍ୟଯେ, ଗତ ଜାନୁଆରୀ ୩୦ ତାରିଖ ଶୁକ୍ରବାର ଦିନ ସନ୍ଧ୍ୟା ପ୍ରାୟ ୮.୩୦ ସମୟରେ ନାବାଳିକାକୁ ହୋଟେଲରୁ ଅଣ୍ଟା ରୋଲ ଝୁଆଲଦା ସହ ବିଭିନ୍ନ ପ୍ରଲୋଭନ ଦେଖାଇ ନିଜ ଘରକୁ ନେଇଯାଇଥିଲେ । ପରେ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିବାକୁ ଚେଷ୍ଟା କରିଥିଲେ । ହେଲେ ନାବାଳିକା ଜଣକ ତାଙ୍କେ ବିଶ୍ୱାସ କରିବ ବୋଲି ଲମ୍ବୋଦର ପଲେଇ ତରିଯାଇ ଦୁଷ୍କର୍ମ କରିବାରେ ଅସଫଳ ହୋଇ ନାବାଳିକାଙ୍କୁ ଛାଡ଼ି ଦେଇଥିଲା । ଉକ୍ତ ଘଟଣା ସମ୍ବନ୍ଧରେ ନାବାଳିକା ଘରେ ଜଣାଇବା ପରେ ଅଭିଭାବକ ରବିବାର ଦିନ ବଲାଣି ଥାନାରେ ଅଭିଯୁକ୍ତ ଲମ୍ବୋଦର ପଲେଇ ନାମରେ ଏକ ଲିଖିତ ଅଭିଯୋଗ ଦେଇ ଦୋଷୀଙ୍କୁ ଯଥା ଶୀଘ୍ର ଗିରଫ କରି କଠୋର ଦଣ୍ଡ ଦିଆଯାଉ ବୋଲି ଗୁହାରି କରିଥିଲେ । ଅଭିଯୁକ୍ତ ନାମରେ ବଲାଣି ଥାନାରେ କେସ ନଂ ୧୭/୨୬ ଏବଂ ୧୦ ପୋକ୍ସ ଆକ୍ଟ ରେ ଏକ ମାମଲା ରୁଜୁ କରାଯିବା ସହ ତଦନ୍ତ ଆରମ୍ଭ କରିଥିଲେ ବଲାଣି ପୋଲିସ । ହେଲେ ଅଭିଯୁକ୍ତ ନିଜ ଘର ଛାଡ଼ି ଫେରାର ହୋଇ ଯାଇଥିବାରୁ ସ୍ଥାନୀୟ ପୋଲିସ ବର୍ତ୍ତମାନ ସୁଧା ଅଭିଯୁକ୍ତକୁ ଗିରଫ କରି ପାରି ନାହିଁ ।ଉକ୍ତ ଘଟଣା ସମ୍ବନ୍ଧରେ ସ୍ଥାନୀୟବାସୀ ଜାଣିବା ପରେ ଗତକାଲି ସନ୍ଧ୍ୟା ରେ ଅଞ୍ଚଳର ଙ୍ଗଷ୍ଟ୍ୟାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ଦୋଷୀ ବିରୁଦ୍ଧରେ ବୃହତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କଡ଼ା ଦଣ୍ଡ ଦିଆଯାଉ ବୋଲି ନାରାବାଜି କରି ବଲାଣି ଟାଉନ ସିପ ସ୍ଥିତ ଗୋପବନ୍ଧୁ ଛକରୁ ମୁଖ୍ୟ ରାସ୍ତା ଅତିକ୍ରମ କରି ବଲାଣି ଥାନା ପର୍ଯ୍ୟନ୍ତ ପଦଯାତ୍ରା କରି ଲମ୍ବୋଦର ପଲେଇର ଏକ କୁଶ ପୁତଳିକା ଜଳାଇ ତାଙ୍କ ଘର ନିକଟରେ ଦହନ କରୁଥିବାର ଦେଖିବାକୁ ମିଳିଛି । ବର୍ତମାନ ପୋଲିସ ପ୍ରଶାସନ ଦୋଷୀଙ୍କୁ କେବେ ଗିରଫ କରି କିପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା ।

ବନ୍ଧୁକ ମୁନରେ ଲୁଟି ନେଲେ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା

କେନ୍ଦୁଝର,୪/୨(ନି/ପ୍ର): କେନ୍ଦୁଝର ସଦର ଥାନାର ବାୟାପଣ୍ଡାଧାରରେ ସଶସ୍ତ୍ର ଡକାୟତି ହୋଇଛି ।ଶ ଗତକାଲି ବିକ୍ରମିତ ରାତିରେ ଆଠ ଜଣ ମୁଖା ପିନ୍ଧା ଡକାୟତ ଙ୍ଗଗ୍ରାମ କେଶରୀ ନାଏକଙ୍କୁ ପାଣି ମାରିବା ବାହାନାରେ ଘରେ ପଶି ବନ୍ଧୁକ ମୁନରେ ଲୁଟି ନେଲେ ନଗଦ ୬ ଲକ୍ଷ ୮୦ ହଜାର ଟଙ୍କା ଓ ୧୧ ଲକ୍ଷ ଟଙ୍କାର ସୁନା ଗହଣା ।ଙ୍ଗଗ୍ରାମଙ୍କ କହିବା ଅନୁସାରେ ଡକାୟତମାନେ ପ୍ରଥମେ ଜଣେ ବ୍ୟକ୍ତିଙ୍କୁ ଡେକି ଡେକି ଆଣି ଦୁର୍ଘଟଣା ଘଟିଯାଇଛି ତିକେ ପାଣି ଦିଅ କହି ଡ୍ରାମା କରିଥିଲେ । ଘର ଲୋକେ ପାଣି ଦେବାକୁ କବାଟ ଖୋଲିବା ମାତ୍ର ଆଠ ଜଣ ମୁଖା ପିନ୍ଧା ଡକାୟତ ତୁରନ୍ତ ଘର ଭିତରେ ପଶି ସମସ୍ତଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ମୋବାଇଲ ସବୁ ଛଡାଇ ନେବା ସହ ସମସ୍ତଙ୍କୁ ଗୋଟେ ଘରେ ପୁରାଇ କାବାଟ ବନ୍ଦ କରି ଦେଇଥିଲେ ଓ ଏହା ପରେ ପୁରା ଘରର ଅଳମାରି , ଖଟର ବକ୍ସ ଓ ବ୍ୟାଗ ଆଦି ଖୋଲି ତନ୍ନ ତନ୍ନ କରି ଖୋଜି ସମସ୍ତ ଟଙ୍କା ପଇସା ଓ ସୁନା ଗହଣା ନେଇ ଫେରାର ହୋଇ ଯାଇଥିଲେ । ଡକାୟତମାନଙ୍କ ମଧ୍ୟରୁ ୭ ଜଣ ମୁଖା ପିନ୍ଧିଥିଲେ ଓ ଜଣେ ମୁଖା ପିନ୍ଧି ନ ଥିଲା ଓ ସମସ୍ତଙ୍କ ହାତରେ ବନ୍ଧୁକ ଥିବା ଙ୍ଗଗ୍ରାମ କହିଛନ୍ତି । ତୁରନ୍ତ ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନବିନ୍ ଆରମ୍ଭ କରିଛି ।

ତିନି ବାଇକ୍ ଆରୋହୀଙ୍କୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ୍ ପୁଅ ମୃତ, ଦଂପତି ଗୁରୁତର



ଭଦ୍ରକ,୪/୨(ନି/ପ୍ର): ସଡ଼କର ଦୁର୍ଘଟଣାରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିବା ବେଳେ ଦଂପତି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ମୃତଜଙ୍କରୁ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଭୁବନେଶ୍ୱର ଯିବା ବେଳେ ଭଦ୍ରକର ଡାହାଣୀଗଡ଼ିଆ ଛକ ନିକଟରେ ଦୁର୍ଘଟଣାର ସାମ୍ନା କରିବାକୁ ପଡ଼ିଛି । ମୃତ ଶିଶୁପୁତ୍ର ହେଲା ଆକାଶ ଜେନା । ଗୁରୁତର ଦଂପତି ହେଲେ ରଜତ ଜେନା ଏବଂ ମିନିଷି । ସୂଚନା ଅନୁସାରେ ରଜତ ଜେନା ଆଜି ସକାଳୁ ନିଜ ସ୍ତ୍ରୀ ମିଲି ଏବଂ ପୁଅ ଆକାଶଙ୍କୁ ନେଇ ମୟୂରଭଞ୍ଜରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିଲେ । ସେ ଅପରାହ୍ ?ଶରେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଆଗକୁ ବଢୁଥିଲେ । ଏହି ସମୟରେ ସେ ଭଦ୍ରକ ଜିଲ୍ଲାର ଡାହାଣୀଗଡ଼ିଆ ଛକରେ ଏକ ଦୁର୍ଘଟଣାର ସାମ୍ନା କରିଥିଲେ । ବାଇକ ଆରୋହୀ ୩ଜଣଙ୍କୁ ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କା ଦେଇଥିଲା । ଫଳରେ ବାଇକ୍ ସହିତ ଦଂପତି ଏବଂ ସେମାନଙ୍କର ପୁଅ ପୋଲ ତଳକୁ ପଡ଼ିଯାଇଥିଲେ । ଘଟଣାସ୍ଥଳରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକଙ୍କର ଠାରୁ ସୂଚନା ପାଇ ଭଦ୍ରକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲା । ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ପଠାଯିଥିଲା । ଗୁରୁତର ଦଂପତିଙ୍କର ଚିକିତ୍ସା ପାଇଁ ହସ୍‌ପିଟାଲ ପଠାଯାଇଛି । ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତକରୁଛି । ଅନ୍ୟପକରେ ୧୬ ନମ୍ବର ଜାତୀୟ ରାଜପଥରେ ବାରମ୍ବାର ଘଟୁଥିବା ଦୁର୍ଘଟଣା ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି ।

ବାଘମରା ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ

ଭଦ୍ରକ,୪/୨(ନି/ପ୍ର): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ନଗୁଁଆ ଫଂଗାୟତ ବାଘମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ ଶିକ୍ଷାବିତ୍ ସୟାଧର ସାମଲଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବଦତ ଦାସ ମୁଖ୍ୟ ଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ବକ୍ତା, ପ୍ରାଧ୍ୟାପକ ନାରାୟଣ ଚନ୍ଦ୍ର ସାହୁ, କଥାକାର ରଜତ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ସଂଘମିତ୍ରା ପଣ୍ଡା, ପରିଚାଳନା କମିଟି ସଭାପତି ସୁଶାନ୍ତ କୁମାର ବେହେରା, ସ୍ଥାନୀୟ ସରପଂଚ ଜାଂଚନବାଳା ପାତ୍ର, ସମାଜସେବୀ ସୀତାକାନ୍ତ ଜେନା, ସଭାନେତ୍ରୀ ଜୟସ୍ରିତା ଗୋହାୟନ, ଶିଶୁ ସୁରକ୍ଷା ଆଇନ୍ ଅଧିକାରୀ ସୁତ୍ରତ ଦାସ, ପରିଚାଳନା ସଭାପତି ବିକ୍ରମ ମହାପାତ୍ର, ଜିଲାରୀ ବେହେରା ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଶିଶୁମାନଙ୍କ ସହ ଅଭିଭାବକମାନେ ଚପ୍ତର ହେବା ପାଇଁ ଆହ୍ୱାନ ଦେଇଥିଲେ । ବାର୍ଷିକ ବିବରଣୀ ପାଠ ତ୍ରିଲୋଚନ କୁଣ୍ଡୁ ପ୍ରଦାନ କରିଥିଲେ । ବିଦ୍ୟାଳୟ ଟ୍ରଷ୍ଟ ପକ୍ଷରୁ ଜେଜେ ମା ପ୍ରଭାତୀ ପାଜକ କୁଣ୍ଡ ଚନ୍ଦ୍ର ଦାସ ଓ ସମାଜସେବୀ ସୀତାକାନ୍ତ ଜେନାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ବିଦ୍ୟାଳୟର ଶୈଷ୍ଟିକ ଓ ସହ ଶୈଷ୍ଟିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ମା' ମାନଙ୍କ ମଧ୍ୟରେ ଝୋଟି ପ୍ରତିଯୋଗିତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ନିର୍ଦ୍ଦେଶକ ଜମାକାନ୍ତ ସାହୁ ଅତିଥି ପରିଚୟ ମଂଚ ଆହ୍ୱାନ ଓ ସଂପାଦକ ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

କେନ୍ଦୁଝରରୁ ଜାତୀୟସ୍ତରର ତୀରନ୍ଦାଜ ସୃଷ୍ଟି କରୁଛି "ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଂଟର"

କେନ୍ଦୁଝର,୪/୨(ନି/ପ୍ର): ଓଡ଼ିଶାର କେନ୍ଦୁଝର ଜିଲ୍ଲା ଶଙ୍କରପୁରସ୍ଥିତ ଓଡ଼ିଶା ଟାଟା ଆର୍ଚେରୀ ହାଇ ପରଫରମାନ୍ସ ସେଂଟର (ଓଟିଏପିଏଚସି) ଏବେ ଦେଶର ଭବିଷ୍ୟତର ଧନୁର୍ଦ୍ଧରମାନଙ୍କ କ୍ରୀଡ଼ାଭୂମି ସାଜିଛି । ଓଡ଼ିଶା ସରକାର ଏବଂ ଟାଟା ଷ୍ଟିଲର ମିଳିତ ପ୍ରଚେଷ୍ଟାରେ ଏହି ସେଂଟରରୁ ମାତ୍ର ୨୨ ମାସରେ ୧୪ ଜଣ ଜାତୀୟସ୍ତରର ଖେଳାଳି ସୃଷ୍ଟି ହୋଇପାରିଛନ୍ତି । ବିଶ୍ୱସ୍ତରୀୟ ଭିତ୍ତିଭୂମି ଓ ଆଧୁନିକ ପ୍ରଶିକ୍ଷଣ ମାଧ୍ୟମରେ ଏହି କେନ୍ଦ୍ର ବିଶେଷ କରି ରାଜ୍ୟର ଜନଜାତି ଓ ଗ୍ରାମାଂଚଳର ପ୍ରତିଭାମାନଙ୍କୁ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀତା ପାଇଁ ପ୍ରସ୍ତୁତ କରୁଛି । ୨୦୨୪ ମସିହାରେ ଓଡ଼ିଶା ସରକାର ଏବଂ ଟାଟା ଷ୍ଟିଲର ମିଳିତ ପ୍ରୟାସରେ ଆରମ୍ଭ ହୋଇଥିବା ଏହି କେନ୍ଦ୍ରରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୪ ଜଣ ଜ୍ୟାଭେଟ (୧୨ ଜଣ ବାଳକ ଓ ୧୨ ଜଣ ବାଳିକା) ଙ୍କୁ ନେଇ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଆଧୁନିକ ଉପକରଣ ଏବଂ ବିଶେଷଜ୍ଞଙ୍କ ଦ୍ୱାରା ପ୍ରଶିକ୍ଷଣ କାର୍ଯ୍ୟ ହୋଇଥିଲା । ସମୟାନୁକ୍ରମେ ଏହା କେବଳ ଏକ ପ୍ରଶିକ୍ଷଣ କେନ୍ଦ୍ର ହୋଇ ରହିନାହିଁ, ବଢ଼ଙ୍ଗ ଗ୍ରାମାଂଚଳ ଓ ଜନଜାତି ସମ୍ପ୍ରଦାୟରୁ ଆସୁଥିବା ପ୍ରତିଭାମାନଙ୍କୁ ଉତ୍କଳୋତ୍ତର ଆଥଲେଟ୍ ଭାବେ ଗଢ଼ିତୋଳିବାର ଏକ ସଫଳ ମାଧ୍ୟମ ପାଲଟିଛି । ଜାତୀୟସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିଥିବା ମାଲକାନଗିରି ଜିଲ୍ଲାର ନଚ୍ଚଳ ପ୍ରଭାବିତ ଦୁର୍ଗମ ଗ୍ରାମରେ ଜନ୍ମିତ ଅର୍ଜୁନ ଖରାଙ୍କ ପାଇଁ ଏହି ଯାତ୍ରା ଆବୋ ସହଜ ନଥିଲା । ସାଧାରଣ ମୌଳିକ ସୁବିଧା ଅଭାବ ଭିତରେ ବଢ଼ିଥିବା ଜଣେ ଚାଷୀଙ୍କ ପୁଅ ଅର୍ଜୁନ । ୨୦୨୪ ମସିହାରେ ଓଟିଏପିଏଚସି ପାଇଁ ମନୋନୀତ ହେବା ପରେ ତାଙ୍କ ଜୀବନର ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା । ଶୃଙ୍ଖଳିତ ପ୍ରଶିକ୍ଷଣ ଏବଂ ବୃତ୍ତିଗତ ମାର୍ଗଦର୍ଶନ ତାଙ୍କୁ ଖୁବ୍ କମ୍ ସମୟ ମଧ୍ୟରେ ଜାତୀୟସ୍ତରରେ ପହଞ୍ଚାଇ ପାରିଛି । ଆଜି ସେ ସିନିୟର ନ୍ୟାସନାଲ ଆର୍ଚେରୀ ଚାମ୍ପିଅନସିପ୍, ନ୍ୟାସନାଲ ଗେମ୍ସ ଏବଂ ଏନ୍‌ଟିପିସି ନ୍ୟାସନାଲ ରାଏଙ୍କିଙ୍କ ଦୁର୍ଦ୍ଧାଳମେଂ ଭଳି ବଡ଼ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି । ତାଙ୍କର ଏକମାତ୍ର ଲକ୍ଷ୍ୟ ହେଉଛି ଆନ୍ତର୍ଜାତୀୟସ୍ତରରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବା । ଅର୍ଜୁନ କୁହନ୍ତି, ' ଜନଜାତି ପରିବାରର ହୋଇଥ

ବିବିଧା

ରାଶି ଫଳ

ଆଜି ଇତିହାସରେ

ଉତ୍କଳ ଗୌରବ ମଧୁସୂଦନ ଦାସ

ଶଙ୍କରଙ୍କ ଫିଲ୍ମରେ ରଣବୀର

ବିଶ୍ୱ କର୍କଟ ଦିବସ

ଆଜିର ଦିନଟିରେ

- ୧୮୮୫- ପ୍ରଥମ ଟେଲିଫୋନ ଏକ୍ସଚେଞ୍ଜ କଲିକତାରେ ଖୋଲାଯାଇଥିଲା ।
- ୧୯୨୫- ପ୍ରଥମ ଟେଲିଭିଜନ ପ୍ରଦର୍ଶନ କରାଯାଇଥିଲା ।
- ୧୯୪୮- ଶ୍ରୀଲଙ୍କା ସ୍ୱାଧୀନତା ଲାଭ କରିଥିଲା ।
- ୨୦୦୪- ଚେନ୍ନାଇରେ ଏକ ବମବିସ୍ଫୋରଣ ।
- ୨୦୦୪- ଏକ ମାରାତ୍ମକ ମହାମାରୀରୁ ମୁକ୍ତି ମିଳିଥିବା ଘୋଷଣା କରାଯାଇଥିଲା ।

ସମ୍ଭାବନା

ଯୁବପିଢ଼ିଙ୍କଠାରେ ବଢ଼ୁଛି ଡିଜିଟାଲ ଆସକ୍ତି



କ୍ୟାମ୍ପସ୍ ପାଇଁ ପ୍ରସ୍ତୁତି

ଚାକିରି ଅନୁସାରେ ବାୟୋଡାଟା



ଟ୍ରେଣ୍ଡରେ ଏଆଇ ଚକିଂ ଭେଜିଟେବୁଲ

ଦୈନିକ ସମାଚାର

ସମ୍ପାଦକୀୟ...

ଗୁରୁବାର ୫ ଫେବୃଆରୀ ୨୦୨୬

ଟ୍ରମ୍ପଙ୍କ ନୋବେଲ ସ୍ୱପ୍ନ

ମଧ୍ୟପ୍ରାଚ୍ୟରେ ବିତତ ଏକ ବର୍ଷ ଧରି ଗାଜା ଓ ଇସ୍ରାଏଲ ଯୁଦ୍ଧ ଓ ଏହାର ପରବର୍ତ୍ତୀ ଇସ୍ରାଏଲ ହିଜବୁଲ୍ଲା ଯୁଦ୍ଧ ତାପଛକୁ ସିରିଆରେ ବିଦ୍ରୋହୀଙ୍କ ଦ୍ୱାରା ଅସଦ୍‌କୁ ଗାଦିଚ୍ୟୁତ ପରି ଗୋଟିଏ ପରେ ଗୋଟିଏ ସମସ୍ୟା ପରିବେଶକୁ ବେଶ ଅଶାନ୍ତ କରି ରଖିଥିବା ବେଳେ ବିତତ ୧୨ ଦିନର ଇସ୍ରାଏଲଇରାନ ଯୁଦ୍ଧ ସମଗ୍ର ବିଶ୍ୱ ପାଇଁ ଅତ୍ୟନ୍ତ ବିଷ୍ଫୋରକ ପରିସ୍ଥିତି ସୃଷ୍ଟି କରିଥିଲା । ତେବେ ଏହା ଆହୁରି ଚରମରେ ପହଞ୍ଚିଥିଲା ଆମେରିକାର ହସ୍ତକ୍ଷେପ ପରେ । ଆମେରିକା ଅପରେସନ ମିଡନାଇଟ ହାମର ନାମରେ ମୋଟ ୧୨ଖଣ୍ଡି ଯୁଦ୍ଧବିମାନ କରିଆରେ ଫୋତୋ ସମେତ ଇରାନର ତିନୋଟି ପରମାଣୁ ରିଆକ୍ଟର କେନ୍ଦ୍ର ଉପରେ ଭୀଷଣ ବୋମାବର୍ଷଣ କରିଥିଲା । ଏଥିରେ ୭ଟି ବି-୫୨ ବୋମାବର୍ଷଣକାରୀ ଯୁଦ୍ଧବିମାନ ଜିବିୟୁ ପରି ଭୂପୃଷ୍ଠର ୨୦୦ଫୁଟ ତଳକୁ ଯାଇ ବିଧ୍ୱଂସ କରିପାରୁଥିବା ବୋମାକୁ ଏହି ରିଆକ୍ଟର କେନ୍ଦ୍ର ଗୁଡିକ ଉପରେ ବର୍ଷଣ କରିଥିଲା । ଆମେରିକାକୁ ଏଥିରେ ଇସ୍ରାଏଲର ଆଇଡିଏଫ ସହଯୋଗ କରିଥିଲା । ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଇରାନ ଉପରେ ଆକ୍ରମଣକୁ ନେଇ କୁହାଯାଉଥିଲାଯେ, ଆମେରିକା ଇରାନର ଆଣବିକ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେଇଛି । ଇରାନ ଏବେ ଆଉ ଅଣୁଅସ୍ତ୍ର ନିର୍ମାଣ କରିପାରିବ ନାହିଁ । ଇସ୍ରାଏଲ ମଧ୍ୟ ଆମେରିକାର ଘୋଷଣା ପରେ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ନିଜ ଦେଶରେ ବଡବଡ ଛବରେ ଥୁଆଙ୍କ ୟୁ ଟ୍ରମ୍ପ ହୋଡିଂ ମରାଯାଇ ଥିଲା । ଟ୍ରମ୍ପଙ୍କ ପ୍ରଶଂସାରେ ନେତନ୍ୟାହୁ କହିଥିଲେ ଯେ, ଇସ୍ରାଏଲର ଲକ୍ଷ୍ୟ ଥିଲା ଇରାନକୁ କୌଣସି ମତେ ପରମାଣୁ ଅସ୍ତ୍ର ନିର୍ମାଣ କରିବାରୁ ରୋକିବା । ଏହି ଲକ୍ଷ୍ୟ ଏବେ ପୂରଣ ହୋଇଛି ଏବଂ ଏହାକୁ ଆମେରିକା ଛଡା ଅନ୍ୟ କୌଣସି ଦେଶ ଏପରି ସାହସିକ ପଦକ୍ଷେପ ନେଇପାରିବେ ନାହିଁ ବୋଲି କହି ଟ୍ରମ୍ପଙ୍କ ଉପପ୍ରଶଂସା କରିଥିଲେ । ତେବେ ଏସବୁ ଭାରତୀୟ ସମୟ ରବିବାର ରାତିରେ ଘଟିଥିବାବେଳେ ସୋମବାର ଇରାନ ପକ୍ଷରୁ ଆମେରିକା ଏହି ଯୁଦ୍ଧରେ ଅଯଥା ପ୍ରବେଶ କରିଥିବାରୁ ଏହାକୁ ନେଇ ଆମେରିକାବାସୀଙ୍କ ଉଦ୍ଦେଶ୍ୟରେ ଅତ୍ୟନ୍ତ କଟୁଶବ୍ଦର ବ୍ୟବହାର କରି ଇସ୍ରାଏଲର ହାଇଫା, ତେଲଅବିଭ ଓ ଇସ୍ରାଏଲର ରାଜଧାନୀ ଜେରୁଜାଲେମ ଓ ବସରଦା, ଉପରେ ଇରାନ ବାଲିଷ୍ଟିକ ମିସାଇଲ ପ୍ରୟୋଗ କରିଥିଲା । ଇରାନ ଆମେରିକାକୁ ବିରୋଧ କରି ମଧ୍ୟପ୍ରାଚ୍ୟରେ ଅବସ୍ଥିତ ଆମେରିକାର ୧୫ଟି ସୈନ୍ୟଘାଟିକୁ ଟାର୍ଗେଟ କରି ଆକ୍ରମଣ କରିଥିଲା । କତରର ରାଜଧାନୀ ଦୋହାରେ ୬ଟି ଆମେରିକାର ୟାରାବେସ ଉପରେ ଇରାନ ୧୯ଟି ବାଲିଷ୍ଟିକ ମିସାଇଲ ଆକ୍ରମଣ କରିଥିଲା । ଇରାକରେ ଥିବା ଅନ୍ୟତମ ଆମେରିକାର ଏୟାରବେସ ଉପରେ ମଧ୍ୟ ଇରାନ ମିସାଇଲ ଆକ୍ରମଣ କରିଥିଲା । ଏକସଙ୍ଗରେ ଇସ୍ରାଏଲ ଓ ଆମେରିକାର ଏତେବଡ ଆକ୍ରମଣ ସତ୍ତ୍ୱେ ଇରାନ ଏହି ମହାଶକ୍ତିଙ୍କ ଯୋଡି ଆଗରେ ସାମାନ୍ୟତମ ନରମିନଥିଲା । ବଙ୍ଗ ଆମେରିକା ଯେପରିକି ବୋମାବର୍ଷଣ ତା ଉପରେ କରିଥିଲା ସେ ମଧ୍ୟ ଠିକ ସମାନ ଭାବରେ ୧୪ଟି ମିଶାଇଲ ଆମେରିକାର ସୈନ୍ୟ ବେସ ଉପରେ ପକାଇଛି ବୋଲି ଘୋଷଣା କରିଥିଲା । ତେବେ ଏହି ଯୁଦ୍ଧ ଆହୁରି ଭୀଷଣ ହେବା ପୂର୍ବରୁ ଅଧାରାତିରେ ହଠାତ ଅତ୍ୟନ୍ତ ତରବରିଆ ଭାବେ ଟ୍ରମ୍ପ ଇରାନ ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧବିରତି ଘୋଷଣା କରାଇଛନ୍ତି ବୋଲି ଘୋଷଣା କରିଥିଲେ । ସେ ଅତ୍ୟନ୍ତ ଅହଙ୍କାର ସହିତ ନିଜର ବାହାଦୁରୀ ଗପିବା ସହିତ ସେ ମାତ୍ର ଛେଚମାସ ମଧ୍ୟରେ କିପରି ଭାବେ ୪ଟି ଅସ୍ତବିରତି ଘୋଷଣା କରାଇବାରେ ସଫଳ ହୋଇଥିଲେ ବୋଲି କହିଥିଲେ । ହେଲେ ଆମେରିକା ସମୟ ଅନୁସାରେ ରାତିରେ ଟ୍ରମ୍ପଙ୍କ ଏହି ଘୋଷଣାର ମାତ୍ର ଛେଚଘଟା ମଧ୍ୟରେ ଏହି ଅସ୍ତବିରତିର ଖୋଲା ଉଲ୍ଲଙ୍ଘନ ଉଭୟ ଇରାନ ଓ ଇସ୍ରାଏଲ ପକ୍ଷରୁ କରାଯାଇଥିଲା । ତେବେ ରାଷ୍ଟ୍ରପତି ଟ୍ରମ୍ପ ଏହି ଆକ୍ରମଣର କାବାବ ଦେବା ପରିବର୍ତ୍ତେ ଇରାନକୁ ପୂର୍ବରୁ ସୂଚନା କରି କଣାଇ ଥିବାରୁ ସେ ଧନ୍ୟବାଦ କଣାଇଥିଲେ । ଟ୍ରମ୍ପ କହିଥିଲେ ଯେ, ଇରାନ ଓ ଇସ୍ରାଏଲ ପରସ୍ପରର ବିକାଶ ଓ ପ୍ରଗତିକୁ ଲକ୍ଷ୍ୟ ରଖି ବର୍ତ୍ତମାନ ପରସ୍ଥିତିରେ ସେମାନେ ଆଉ ଯୁଦ୍ଧ କରିବେ ନାହିଁ ବୋଲି ତାଙ୍କୁ ପରିଶ୍ରୁତି ଦେଇଛନ୍ତି । ତେବେ ଟ୍ରମ୍ପଙ୍କ ଘୋଷଣାର ମାତ୍ର ଛେଚଘଟାଂ ପରେ ଉଭୟ ଇରାନ ଓ ଇସ୍ରାଏଲ ପକ୍ଷରୁ ଅସ୍ତବିରତିର ଉଲ୍ଲଙ୍ଘନ ଟ୍ରମ୍ପଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଟ୍ରମ୍ପଙ୍କୁ ବିଶ୍ୱ ସମୁଦାୟ ଆଉ ପୂର୍ବପରି ଗମ୍ଭୀରତାର ସହ ନେଉନାହିଁ । ଖୋଡ ଆମେରିକାବାସୀ ମଧ୍ୟ ଟ୍ରମ୍ପଙ୍କ ବିଚାଧାରା ସହ ଆମେରିକାର କୌଣସି ଲକ୍ଷ୍ୟକୁ ଦେଖିପାରୁନାହାଁନ୍ତି । ହଁ ଏସବୁ ମଧ୍ୟରେ ଗୋଟିଏ କଥା କଣାପଡିଛି ଟ୍ରମ୍ପଙ୍କ ଏପରି ବାହାଦୁରୀ ମାରି ତରବରିଆ ଭାବେ ଅସ୍ତବିରତି ଘୋଷଣା କରିବା ପଛରେ ତାଙ୍କୁ ଘାରିଛି ନୋବେଲ ନିଶା । ଟ୍ରମ୍ପଙ୍କୁ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଖୋଦ ପାକିସ୍ତାନ ଦାବି କରିସାରିଛି । ଭାରତ ସହ ପାକିସ୍ତାନର ଅପରେସନ ସିନ୍ଦୂରର ଯୁଦ୍ଧବିରତି ଘୋଷଣା ପାଇଁ ପାକିସ୍ତାନ ଟ୍ରମ୍ପଙ୍କୁ ଶ୍ରେୟ ଦେଇ ତାଙ୍କୁ ନୋବେଲ ପାଇଁ ମନୋନୀତ କରିଛି । ବୋଧହୁଏ ସେଇଥିପାଇଁ ଟ୍ରମ୍ପଙ୍କ ପାକିସ୍ତାନ ପ୍ରେମ ଦେଖିବାକୁ ମିଳିଛି । ଟ୍ରମ୍ପଙ୍କ ନିଜର ହେବା ପାଇଁ ପାକିସ୍ତାନ ମଧ୍ୟ ଅସଲାମିକ ଦେଶ ଇରାନ ବିରୋଧରେ ପଛପଟୁ ଛୁରାମାଡ କରିବାକୁ ଭୁଲିନାହିଁ । ଟ୍ରମ୍ପ ନିର୍ବାଚନୀ ପ୍ରଚାରରେ ସ୍ଲୁଚ୍ରେନ-ରଷିଆ ଯୁଦ୍ଧ ବନ୍ଦ କରାଇବେ ବୋଲି ଘୋଷଣା କରିଥିଲେ ହେଁ ସେଥିରେ ସେ ସମ୍ପୂର୍ଣ୍ଣ ଅସଫଳ ରହିଥିଲେ । ତେଣୁ ପରବର୍ତ୍ତୀ ପର୍ଯ୍ୟାୟରେ ସେ ଯେତେବେଳେ ପ୍ରକାରେଣ କୌଣସି ତୁଛ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜିଲେ ସେ ଅତ୍ୟନ୍ତ ତରବରିଆ ଭାବେ ଅସ୍ତବିରତି ଘୋଷଣା କରିବାରେ ତାଙ୍କର ମଧ୍ୟସ୍ଥତା ରହିଛି ବୋଲି ବାହାଦୁରୀ ସାଉଁଛନ୍ତି । ଟ୍ରମ୍ପଙ୍କ ଆଶା ବିଶ୍ୱରୁ ଯୁଦ୍ଧ ବନ୍ଦକରାଇବାରେ ସମଗ୍ର ବିଶ୍ୱ ତାଙ୍କ ଭୂମିକାକୁ ବେଶ ପ୍ରଶଂସା କରିବ । କିନ୍ତୁ ସେଇଠି ପ୍ରଶଂସା ସେ ପାଉନଥିବାରୁ ନିଜେ ନିଜର ପ୍ରଶଂସା କରୁଛନ୍ତି ଓ ପାକିସ୍ତାନ ପରି ଲାଜାଳ ଦେଶକୁ କିଛିଟା ଆର୍ଥିକ ସାହାଯ୍ୟ କରି ତାଙ୍କର ପ୍ରଶସ୍ତିଗାନ କରାଇଛନ୍ତି । ସେ କ'ଣ ଭାବୁଛନ୍ତି ଓ କ'ଣ କରୁଛନ୍ତି ତାହା ମଧ୍ୟରେ କୌଣସି ସାମଞ୍ଜସ୍ୟ ନାହିଁ । ସେ ପ୍ରଥମେ ଇରାନ ସହ ଆଲୋଚନା ଜାରି ରଖିଥିଲେ ଓ ସେହି ଆଲୋଚନା ଜାରି ରହିଥିବା ବେଳେ ହଠାତ ତାଙ୍କର ପରୋକ୍ଷ ଇଙ୍ଗିତରେ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିବା ଓ ଏହି ଯୁଦ୍ଧ ୧୨ଦିନ ଧରି ଚାଲିବା ପରେ ହଠାତ ଖୋଦ ଟ୍ରମ୍ପ ଇରାନ ଉପରେ ଆକ୍ରମଣ କରିବା ଆମେରିକା ପରି ଦେଶର ନେତୃତ୍ୱ ନେବାର କ୍ଷମତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସେ ନିଜର ନୋବେଲ ନିଶା ପାଇଁ ନିଜସ୍ତରେ କିପରି ଭାବେ ଅପରେସନ ସିନ୍ଦୂରରେ ଭାରତ ଓ ପାକିସ୍ତାନ ମଧ୍ୟରେ ମଧ୍ୟସ୍ଥତା

କର୍ତ୍ତବ୍ୟ ସ୍ତମ୍ଭ

ଏହି ବଜେଟ୍ ଠାରୁ ସରକାର ଯେଉଁ ନୂତନ ନୀତି ଅନୁପାଳନ ଆରମ୍ଭ କରିଛନ୍ତି, ତାହା ଅନୁସାରେ 'ରାଜକୋଷୀୟ ନିଗଟ' (''ଫିସ୍‌କାଲ୍ ଡେଫିସିଟ୍') ସ୍ଥାନରେ ସରକାରୀ ଋଣ 'ଜିଡିପି'ରେ ଅନୁପାତ ଉପରେ ସରକାର ଏଣିକି ନିଜା ରଖି କାର୍ଯ୍ୟ କରିବେ । ଚଳିତ ବିତ୍ତ ବର୍ଷରେ ଏଇ ଅନୁପାତ ୫୬.୧ ଶତାଂଶ ଥିବାବେଳେ ୨୦୨୬-୨୭ରେ ତାହା ସାମାନ୍ୟ ହ୍ରାସ ପାଇ ୫୫.୬ ଶତାଂଶ ହେବ ବୋଲି ଅର୍ଥମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମୁଦ୍ରାସ୍ଫୀତିରେ ସାମାନ୍ୟ ବୃଦ୍ଧି ଘଟି ଆସନ୍ତା ବର୍ଷ ମେ ?ରିକ 'ଜିଡିପି' (ନୋମିନାଲ୍ 'ଜିଡିପି')ରେ ବୃଦ୍ଧି ଘଟିଲେ ଏହା ଦେଖାଯିବ ବୋଲି ଆଶା କରାଯାଇଛି । ରବିବାର ଦିନ ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ଉପସ୍ଥାପିତ କରିଥିବା ତାଙ୍କର ଅବିଚ୍ଛିନ୍ନ ରେଜର୍ଭନିୟମ ବଜେଟ୍ କେବଳ ଧାରାବାହିକତା ଦୃଷ୍ଟିରୁ ଅବିଚ୍ଛିନ୍ନ ନୁହେଁ, ଏହା ବହନ କରିଥିବା ଆଭିମୁଖ୍ୟ ଦୃଷ୍ଟିରୁ ମଧ୍ୟ ଏହାକୁ ଏକ ଅବିଚ୍ଛିନ୍ନ ବଜେଟ୍ ବୋଲି କୁହାଯାଇପାରେ । ଅର୍ଥମନ୍ତ୍ରୀ ତାଙ୍କର ଏହି ବଜେଟ୍‌ରେ ପୂର୍ବଭଳି ଯାହାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି, ତାହା କୌଣସି ସ୍ପଷ୍ଟଜାଳ ରାଜନୈତିକ ଲକ୍ଷ୍ୟ ହାସଲ ନୁହେଁ, ତାହା ହେଉଛି ଦୀର୍ଘକାଳୀନ ଅର୍ଥନୈତିକ ରୂପାନ୍ତରଣ ସମ୍ଭବ କରିବା ନିମିତ୍ତ ଆବଶ୍ୟକ ପରିବେଶ ସୃଷ୍ଟି । ସେ ତାଙ୍କ ସରକାରଙ୍କର ବିକଶିତ ଭାରତ ଲକ୍ଷ୍ୟ ଉପରେ ଦୃଷ୍ଟି ନିବଦ୍ଧ କରି ବିତୀୟ ଶୃଙ୍ଖଳା, ଅଭିବୃଦ୍ଧି ସହାୟକ ସରକାରୀ ନିବେଶ, ସଂରଚନାତ୍ମକ ସଂସ୍କାର ଏବଂ ବିଭିନ୍ନ ଅର୍ଥନୈତିକ କ୍ଷେତ୍ର ଓ ଅଂଚଳମାନଙ୍କରେ କ୍ଷମତା ବିକାଶକୁ ବଜେଟ୍‌ରେ ପ୍ରଦାନ କରିଥିବା ପ୍ରାଧାନ୍ୟପୂର୍ଣ୍ଣ ଏହା ସ୍ପଷ୍ଟ ହୋଇଥାଏ । ସାମଗ୍ରିକ ଦୃଷ୍ଟିକୋଣରୁ ଏହି ବଜେଟ୍ ଭାରତରେ ପରିଦୃଷ୍ଟ ଅର୍ଥନୈତିକ ସ୍ଥିରତା, ନୀତା ମୁଦ୍ରାସ୍ଫୀତି ଓ ବିତୀୟ ସଂସ୍ଥମ, ସଂରଚନାତ୍ମକ ସଂସ୍କାର ସହିତ ଜନ ସରକାରୀ ପୁଞ୍ଜି ବ୍ୟୟ ମାଧ୍ୟମରେ ହାସଲ ହୋଇଥିବା ସତତ ପ୍ରାୟ ୭ ଶତାଂଶ ହାରରେ ଅଭିବୃଦ୍ଧି ପ୍ରତି ବୃଦ୍ଧି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ବର୍ତମାନର ଆନ୍ତର୍ଜାତିକ ଅସ୍ଥିରତା, ବାଣିଜ୍ୟିକ ଅନିଶ୍ଚିତତା, ଦ୍ରୁତ ପ୍ରାବିଧିକ ପରିବର୍ତ୍ତନ ଆଦି ଭାରତୀୟ ଅର୍ଥନୀତି ପାଇଁ ସୃଷ୍ଟି କରିଥିବା ଆହ୍ୱାନକୁ ମଧ୍ୟ ସ୍ୱୀକାର କରିଛି । ଏହି ଆହ୍ୱାନର ମୁକାବିଲା କରି ଭାରତର ଅଭିବୃଦ୍ଧି ଜୟଯାତ୍ରାକୁ ସତ୍ୟାତ୍ତର ରଖିବା ପାଇଁ ଏଥରର ବଜେଟ୍‌କୁ ତିନିଗୋଟି 'କର୍ଜବ୍ୟ' ସ୍ତମ୍ଭ ଉପରେ ବଣ୍ଟାୟମାନ କରାଯାଇଛି । ପ୍ରଥମତି ହେଲା ଉତ୍ପାଦନଶୀଳତାରେ ଉନ୍ନତି, ପ୍ରତିଯୋଗିତାକ୍ଷମତାରେ ଉନ୍ନତି ଓ ସ୍ଥିତିସ୍ଥାପକତାରେ ଉନ୍ନତି ମାଧ୍ୟମରେ ଅଭିବୃଦ୍ଧିକୁ ତ୍ୱରିତତର ତଥା ଧାରାଣକ୍ଷମ କରିବା । ଦ୍ୱିତୀୟତି ହେଲା ଶିକ୍ଷା, ଦକ୍ଷତା ବୃଦ୍ଧି ଓ ନିଯୁକ୍ତି ସଂପ୍ରସାରଣ ମାଧ୍ୟମରେ ମାନବ ସମ୍ବଳର କ୍ଷମତାରେ ଉନ୍ନତି ସାଧନ ସହିତ ସେମାନଙ୍କର ଆଶାଆକାଂକ୍ଷା ପୂରଣ । ତୃତୀୟତି ହେଲା 'ସବ୍‌କା ସାଥ୍, ସବ୍‌କା ବିକାଶ' ଆଦର୍ଶକୁ ଅନୁସରଣ କରି ସମସ୍ତ ଅଂଚଳ ଓ ସମସ୍ତ ଘୋଷ୍ଠୀମାନଙ୍କ ପାଇଁ ସମ୍ବଳ ଓ ସୁଯୋଗର ସମାନ ଉପଲବ୍ଧତା ନିଶ୍ଚିତ କରିବା । ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିକୁ ଆଗେଇ ନେବା ପାଇଁ ଅର୍ଥମନ୍ତ୍ରୀ ଯେ ସରକାରୀ ପୁଞ୍ଜି ବ୍ୟୟକୁ ମୁଖ୍ୟ ଚାଳକ ରୂପେ ବ୍ୟବହାର କରିଛନ୍ତି, ତାହା ସେ ଏଥିପାଇଁ ବଜେଟ୍‌ରେ କରିଥିବା ବ୍ୟବସ୍ଥାରୁ ଜଣାପଡ଼ିଥାଏ । ବିତତ ବର୍ଷମାନଙ୍କରେ ଦେଖାଯାଇଥିବା ଭିତିଭୂମି ନିର୍ମାଣ ସଂପ୍ରସାରଣ ଧାରାକୁ ଅବ୍ୟାହତ ରଖି ସେ ୨୦୨୬-୨୭ ପାଇଁ ସରକାରୀ ପୁଞ୍ଜି ବ୍ୟୟରେ ବୃଦ୍ଧି ଘଟାଇ ତାହାକୁ ୧୨.୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇଛନ୍ତି । ଏ କ୍ଷେତ୍ରରେ ଯେଉଁ ସମସ୍ତ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି, ସେଥିରେ ଅନ୍ତର୍ଭୁକ୍ତ ଅଛି ଘରୋଇ ନିବେଶ ସମ୍ମୁଖୀନ ହେଉଥିବା ବିପରକୁ ସୀମିତ କରିବା ପାଇଁ ଏକ 'ଇନ୍‌ଫ୍ରାଷ୍ଟ୍ରକ୍‌ଚର ରିସ୍କ ଗ୍ୟାରେଣ୍ଟି ଫଣ୍ଡ୍' ସୃଷ୍ଟି, ମାଲ୍ ପରିବହନ ପଥ(ଫ୍ରେଟ୍ କରିଡ଼ୋ)ସଂପ୍ରସାରଣ, ଆଭ୍ୟନ୍ତରୀଣ ଜଳପଥ, ଉପକୂଳୀୟ ଜାହାଜ ଚଳାଚଳ ସଂପ୍ରସାରଣ ଏବଂ 'ସିପ୍ଲେନ୍'(ସମୁଦ୍ର ବିମାନ) ନିର୍ମାଣ ଓ ଚଳାଚଳ ଇତ୍ୟାଦି । ବିଶେଷ ଭାବରେ ଦ୍ୱିତୀୟ ଓ ତୃତୀୟସ୍ତରୀୟ ସହରମାନଙ୍କ ପାଇଁ ଅଭିବୃଦ୍ଧିର ଇଞ୍ଜିନ ରୂପେ କାର୍ଯ୍ୟ କରିବା ଲାଗି 'ସିଟି ଇକୋନୋମିକ୍ ରିଜନ୍'ମାନ ପ୍ରତିଷ୍ଠା କରାଯିବା ନିମିତ୍ତ ବଜେଟ୍‌ରେ ପ୍ରସ୍ତାବ ରଖାଯାଇଛି । ବଜେଟ୍‌ରେ 'ମେକ୍ ଇନ୍ ଇଣ୍ଡିଆ' ଆହ୍ୱାନକୁ ଅନୁସରଣ କରି ମାନୁଫାକ୍ଚ ବରିଜଙ୍କୁ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି । ଏହା ଅନୁସାରେ ବାୟୋ ଫାର୍ମା, ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ଲେଥାର, ଆର୍ଥସ୍ ଆଦି ଭଳି ଗୁଣବତ୍ତା ବିଶିଷ୍ଟ ଓ ଅଗ୍ରଣୀ କ୍ଷେତ୍ରମାନଙ୍କରେ ମାନୁଫାକ୍ଚରିଙ୍ଗର ବିକାଶ ପ୍ରତି ବଜେଟ୍‌ରେ ବିଶେଷ ଧ୍ୟାନ ଦିଆଯାଇଛି । ଏଥର ବଜେଟ୍‌ରେ ସେବା କ୍ଷେତ୍ର ଉପରେ ମଧ୍ୟ ବିଶେଷ ଧ୍ୟାନ କେନ୍ଦ୍ରୀଭୂତ କରାଯାଇଛି । ଶିକ୍ଷାରୁ ଆରମ୍ଭ କରି ନିଯୁକ୍ତି ଓ ଉଦ୍ୟୋଗ ପର୍ଯ୍ୟନ୍ତରେ ସେବା କ୍ଷେତ୍ରରେ ଉତ୍ପାଦନ ଓ ନିଯୁକ୍ତି ସୃଷ୍ଟିକୁ ସହାୟକ ହେବା ଭଳି ନୀତି ନିର୍ଦ୍ଧାରଣ କରିବା ନିମିତ୍ତ ଏକ ଉଚ୍ଚକ୍ଷମତାସଂପନ୍ନ କମିଟି ଗଠନ ପ୍ରସ୍ତାବ ରଖାଯାଇଛି । 'ଆଇଟି'ଭିତ୍ତିକ ସେବା, ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଓ ପଶୁ ଚିକିତ୍ସା, ସାମାଜିକ ଯତ୍ନ ଆଦି କ୍ଷେତ୍ରମାନଙ୍କ ପାଇଁ ବଜେଟ୍‌ରେ ଯେଉଁ ସହାୟକ 'ଫ୍ରିମ୍‌ମାନଙ୍କ ପାଇଁ ପ୍ରସ୍ତାବ ଦିଆଯାଇଛି, ସେଥିରେ ନୂତନ 'ସେଟଂସ ଅଫ୍ ଏକ୍‌ସେଲେନ୍ସ' ସ୍ଥାପନ ପାଇଁ ସମ୍ବଳ ଯୋଗାଣ ଠାରୁ ନୂତନ ଅନୁଷ୍ଠାନମାନଙ୍କ ପାଇଁ ସର୍ବସିଧି ପ୍ରଦାନ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ । ସରକାର ମାନୁଫାକ୍ଚରିଙ୍ଗ କ୍ଷେତ୍ରର ସଂପ୍ରସାରଣକୁ ଗୁରୁତ୍ୱ ପ୍ରଦାନ କରୁଥିବେ ହେଁ, ଏଥିପାଇଁ ଆବଶ୍ୟକ ପୁଞ୍ଜି ନିବେଶ କରିବା ପାଇଁ ଘରୋଇ କ୍ଷେତ୍ର ପ୍ରଦର୍ଶନ କରୁଥିବା ଢୁଲା ପରିପ୍ରେକ୍ଷୀରେ ସରକାର ସେବା କ୍ଷେତ୍ର ପ୍ରତି ଏକଭଳି ଧ୍ୟାନ ଦେବାକୁ ଉଚିତ ମନେ କରିଥିବା ଭଳି ଲାଗୁଛି । ବର୍ତମାନ ଭାରତରେ ଉତ୍ପାଦିତ ଦ୍ରବ୍ୟ ଆନ୍ତର୍ଜାତିକ ବଜାରରେ ସମ୍ମୁଖୀନ ହେଉଥିବା ଭଲ ଟାରିଫ୍ ଓ ଅଣ-ଟାରିଫ୍ ପ୍ରତିବନ୍ଧକମାନ ମଧ୍ୟ ସରକାରଙ୍କୁ ସେବା କ୍ଷେତ୍ର ଉପରେ ପୂର୍ବାପେକ୍ଷା ଅଧିକ ନିର୍ଭର କରିବାକୁ ପ୍ରବୃତ୍ତ କରିବା ସ୍ୱାଭାବିକ । ଏହାର କାରଣ, ସେବା କ୍ଷେତ୍ର ଏ ପର୍ଯ୍ୟନ୍ତ ଏଭଳି ପ୍ରତିବନ୍ଧକର ସମ୍ମୁଖୀନ ହୋଇନାହିଁ । କିନ୍ତୁ ସେବା କ୍ଷେତ୍ରରୁ ଅଧିକ ଟଙ୍କାପ୍ରାପ୍ତ କରିବାକୁ ହେଲେ ଆମର ଶ୍ରମ ଶକ୍ତିର ଦକ୍ଷତାରେ ମଧ୍ୟ ଆଖିଦୃଶିଆ ଉନ୍ନତି ସାଧନ କରିବାକୁ ହେବ, ଏଥିରେ ସନ୍ଦେହ ନାହିଁ । ଉପରୋକ୍ତ ପ୍ରସ୍ତାବନାମାନଙ୍କୁ ସରକାର ଏହା ହୃଦୟଙ୍ଗମ କରିଛନ୍ତି ବୋଲି ଜଣାପଡୁଛି । କିନ୍ତୁ ବର୍ତମାନ ଏଇ ପରିପ୍ରେକ୍ଷୀରେ ଯେଉଁ ଏକ ନୂତନ ଆଶଙ୍କାର ଆବିର୍ଭାବ ଘଟିଲାଣି, ତାହା ସୃଷ୍ଟି ହୋଇଛି ?ଏ କ୍ଷେତ୍ରରେ 'ଏଆଇ'ର ଅନୁପ୍ରବେଶର ସମ୍ଭାବନା ଯୋଗୁଁ । ଏଥିଯୋଗୁଁ ଯଦି ନିଯୁକ୍ତି ସୃଷ୍ଟି ସଂକୁଚିତ ହୁଏ ତେବେ ସରକାରଙ୍କର ଏଇ ସେବାମୁଖୀ ଉଦ୍ୟମ ଆଶାନୁରୂପ ଫଳ ପ୍ରସବ ନ କରିପାରେ । ବଜେଟ୍ ବହନ କରୁଥିବା ସରକାରଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ହେଉଛି ଏ ପର୍ଯ୍ୟନ୍ତ ସରକାରଙ୍କ ଦ୍ୱାରା ଅନୁସୃତ ହୋଇ ଚାଲିଥିବା ପ୍ରଶଂସନୀୟ ରାଜକୋଷୀୟ ସଂଯମ । ଏହି ବଜେଟ୍ ଠାରୁ ସରକାର ଯେଉଁ ନୂତନ ନୀତି ଅନୁପାଳନ ଆରମ୍ଭ କରିଛନ୍ତି, ତାହା ଅନୁସାରେ 'ରାଜକୋଷୀୟ ନିଅଂ' ('ଫିସ୍‌କାଲ୍ ଡେଫିସିଟ୍') ସ୍ଥାନରେ ସରକାରୀ ଋଣ 'ଜିଡିପି'ରେ ଅନୁପାତ ଉପରେ ସରକାର ଏଣିକି ନିଜା ରଖି କାର୍ଯ୍ୟ କରିବେ । ଚଳିତ ବିତ ବର୍ଷରେ ଏଇ ଅନୁପାତ ୫୬.୧ ଶତାଂଶ ଥିବାବେଳେ ୨୦୨୬-୨୭ରେ ତାହା ସାମାନ୍ୟ ହ୍ରାସ ପାଇ ୫୫.୬ ଶତାଂଶ ହେବ ବୋଲି ଅର୍ଥମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ମୁଦ୍ରାସ୍ଫୀତିରେ ସାମାନ୍ୟ ବୃଦ୍ଧି ଘଟି ଆସନ୍ତା ବର୍ଷ ମୌଡ଼ିକ 'ଜିଡିପି' (ନୋମିନାଲ୍ 'ଜିଡିପି')ରେ ବୃଦ୍ଧି ଘଟିଲେ ଏହା ଦେଖାଯିବ ବୋଲି ଆଶା କରାଯାଇଛି । ତେବେ 'ଫିସ୍‌କାଲ୍ ଡେଫିସିଟ୍' ମଧ୍ୟ ଚଳିତ ବର୍ଷର ନିରାପଦ ସ୍ତର ୪.୪ ଶତାଂଶରୁ ହ୍ରାସ ପାଇ ୪.୩ ହେବାକୁ ଯାଉଛି ବୋଲି ଯେଉଁ ଅନୁମାନ ପ୍ରକାଶ ପାଇଛି, ତାହା ଭାରତୀୟ ଅର୍ଥନୀତିର ମୁଖ୍ୟ ପରିଚାଳିକା ସୀତାରମଣ ତାଙ୍କର ସୁଦୀର୍ଘ କାର୍ଯ୍ୟକାଳର ସାରା ପ୍ରଦର୍ଶନ କରି ଆସିଥିବା ବିତୀୟ ସଂଯମ ଓ ଶୃଙ୍ଖଳାର ପରିଚାୟକ ହୋଇଥାଏ । ଏହା ହିଁ ଏକ ଅସ୍ଥିର ପୃଥିବୀରେ ଭାରତୀୟ ଅର୍ଥନୀତିକୁ ଏକ ନିରାପଦ ଦ୍ୱୀପରେ ପରିଣତ କରିବାରେ ପ୍ରମୁଖ ଭୂମିକା

ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ୭୨ଟି ଅଭିଯୋଗର ଶୁଣାଣି

ଝାରସୁଗୁଡା,୪/୨(ନି/ପ୍ର): ଜିଲ୍ଲାପାଳ କୁଣାଲ ମୋଡିରାମ ଚହାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ୭୨ଟି ଅଭିଯୋଗ ଶୁଣାଣି ହୋଇଛି । ଭିତିଭୂମି ଉନ୍ନତି ତଥା ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଆଜି ବିଭିନ୍ନ ଅଞ୍ଚଳରୁ ଆସିଥିବା ସମସ୍ୟାଗୁଡ଼ିକର ଶୁଣାଣି କରାଯାଇଛି । ଲହଣ୍ଡାବୁଡ଼ ସରର ଅଂଚଳରେ ଥିବା ୦୩ ନମ୍ବର ରେଳବାଇ ଲେବେଲ କ୍ରସିଂରେ ଓଭର ବ୍ରିଜ ନିର୍ମାଣ ଏବଂ ୱାର୍ଡ଼ ନଂ ୮ରେ କଂକ୍ରିଟ ରାସ୍ତା କାର୍ଯ୍ୟ ବନ୍ଦ ହେବା ନେଇ ଅଭିଯୋଗ ହୋଇଛି । ସେହିପରି ଜିରମୀରଠାରେ କଂକ୍ରିଟ ଗାର୍ଡ଼ୱାଲ୍ ନିର୍ମାଣ, ଗାଲାଙ୍କି କଲୋନୀ (ୱାର୍ଡ ୫) ଏବଂ ବାଲିଜୋରି (ୱାର୍ଡ ୧୩) ରେ ଡ୍ରେନ୍ ନିର୍ମାଣ ପାଇଁ ବାଟି ହୋଇଛି । ବିଜୁନାଗର ପ୍ରବେଶ ପଥରେ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟରେ ଜବରଦଖଲ ଉଚ୍ଛେଦ ଏବଂ ମାଲିମୁଣ୍ଡା (ୱାର୍ଡ ୧୨) ରେ ଭେଙ୍ଗି କୋଚ୍ ପ୍ରତିଷ୍ଠା ନେଇ ଜିଲ୍ଲାପାଳଙ୍କ ବୃଷ୍ଟି ଆକର୍ଷଣ କରାଯାଇଛି । ଅନ୍ୟପକ୍ଷରେ ଲହଣ୍ଡାବୁଡ଼ ସରର ଅଂଚଳରୁ ଟିପିଏସଏଲ(୪) ଜମିହରାଙ୍କ ସମସ୍ୟା, ବଜ୍ରିଛକରୁ ଲହଣ୍ଡାବୁଡ଼ ରାସ୍ତାରେ ଆଲୋକୀକରଣ, ପ୍ରଦୂଷଣ ନିୟନ୍ତ୍ରଣ, ଦ୍ରୁତ ଗାଡ଼ି ଚାଳନା ଉପରେ ରୋକ୍ ଏବଂ ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ନିବେଦନ କରାଯାଇଛି । ଏହା ବ୍ୟତୀତ ବୁର୍ଲାଗାରେ ବିଦ୍ୟୁତ ସଂଯୋଗ, ବେହେରାପାଟରେ ଜମି ଜବରଦଖଲ ଏବଂ ତିଳେଜମାନରେ ଜବରାଧିକାରୀ ଥାଉ ଥାଉ ଭୁଲ ତଥ୍ୟ ଦେଇ କ୍ଷତିପୂରଣ ହାରେଇବା ଭଳି ଅଭିଯୋଗ ହୋଇଛି । ପୁରୁଣାବସ୍ତି ପରିବା ଦୋକାନୀଙ୍କ ଅସ୍ଥାନ, ବୃନ୍ଦାମାଳ ମୁଖ୍ୟ ରାସ୍ତାରୁ ମଦ ଆଟିସ୍ଥାନାନ୍ତର ସହ ଡୋରା ମଦ ବିକ୍ରି ବନ୍ଦ କରିବା, ଧୂଡରା ମୁଖ୍ୟ ରାସ୍ତା ମରାମତି ଏବଂ ତରେଲକେଲା ଗ୍ରାମବାସୀଙ୍କ ପୁନର୍ବାସ ଓ ଅସ୍ଥାନ ସମ୍ବନ୍ଧରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି । ଜିଲ୍ଲାପାଳ ସମସ୍ତ ଅଭିଯୋଗର ଶୁଣାଣି କରି ବିଭାଗୀୟ ଅଧିକାରୀଙ୍କୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଜନ ଶୁଣାଣି ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ, ଉପ-ଜିଲ୍ଲାପାଳ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ ।

ଜିଲ୍ଲା ରାଜସ୍ୱ ବିଭାଗୀୟସ୍ତରୀୟ ସମୀକ୍ଷା ବୈଠକ

ସମ୍ବଲପୁର,୪/୨(ନି/ପ୍ର): ସମ୍ବଲପୁର ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସର୍ବ ଶିକ୍ଷା ଅଭିଯାନ ସମ୍ମିଳନୀ କକ୍ଷ ପରିସରରେ ରାଜସ୍ୱ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ବିଭାଗୀୟ ସ୍ତରୀୟ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆହୁତ ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ରାଜସ୍ୱ ବିଭାଗ ଯୁଗ୍ମ ସଚିବ ପ୍ରବୀପ କୁମାର ସାହୁ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ଦୋନ୍ଦର, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଲୋଙ୍କଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ସମୀକ୍ଷା ବୈଠକରେ ଜମି ଅଧିଗ୍ରହଣ, ସାଧାରଣ ଲୋକଙ୍କ ଅଭିଯୋଗ ସମାଧାନ, ସମ୍ବଲପୁର ରିଙ୍ଗରୋଡ୍(ପର୍ଯ୍ୟାୟ-୧ ଓ ୨)ର ନିର୍ମାଣ କାର୍ଯ୍ୟ, ଲକ୍ଷ କୋଷ୍ଟ ରେଲୱେର ଜରପଡାରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ୩୩ ଓ ୪୪ ରେଳ ଲାଇନ୍, ସର୍ଲା-ଶୀତଳ୍ ପ୍ୟାଚ୍‌ରେ ରେଳ ଲାଇନ୍ ବିସ୍ତାର, ସମ୍ବଲପୁର ସିଟିରୁ ସରଳା ପର୍ଯ୍ୟନ୍ତ ରେଳ ଫାଟକଉତ୍ତର, ସମ୍ବଲପୁର ସହରରୁ ସମ୍ବଲପୁର ସିଟି ପର୍ଯ୍ୟନ୍ତ ରେଳ ଫାଟକଉତ୍ତର ଲବ୍ୟାଦି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଉପରେ ସହିତ ଓଏଲ୍‌ଆର ଆଇନ୍ ଅନୁଯାୟୀ ମ୍ୟୁଟେସନ୍ ମାମଲା, ଓଆଇସିପିଏସ୍ ଆଇନ୍ ଅଧୀନରେ ବିଭିନ୍ନ ସନଦ ପ୍ରଦାନ, ବର୍ଷୁଣ୍ଡରା-୨୦୨୪ ଓ ୨୦୨୫, ଜମି ମାଲିକାନା ସ୍ୱତ୍ୱ କରିବା ପାଇଁ ଭୁଲେଖ କଲମ୍-୨ ସଂଶୋଧନ, କୃଷକ ପଞ୍ଜିକରଣ, ଶିକ୍ଷାନୁଷ୍ଠାନ ମାନଙ୍କର ସ୍ଥିତି, ସୀମା ପରିବର୍ତ୍ତନ ପ୍ରକ୍ରିୟା ଏବଂ ଟିକସ ଆଦାୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ।

ଟ୍ରଲରକୁ ପଛରୁ ଧକ୍କା ଦେଲା ଆଇଚର, ୪ ଗୁରୁତର

ସୋର,୪/୨(ନି/ପ୍ର): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଟ୍ରଲରକୁ ପଛରୁ ଏକ ଆଇଚର ଟ୍ରକ ଧକ୍କା ଦେବା ଫଳରେ ଚାରି ଜଣ ଗୁରୁତର ଆହତ ହୋଇ ସୋର ମେଡିକାଲରେ ଭର୍ତ୍ତି ହୋଇଛନ୍ତି । ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ କେଏଚ ୦୧ ଏଫଆର ୦୧୨୧ ନମ୍ବର ବିଶିଷ୍ଟ ଏକ ଆଇଚର ଟ୍ରକ ସରୋଜ ସାମଗ୍ରୀ ଲୋଡ଼ କରି ବାଲେଶ୍ୱର ଅଭିମୁଖେ ଆସୁଥିବା ବେଳେ ତଳନଗର ନିକଟରେ ଆଗରେ ଯାଉଥିବା ଏକ ଟ୍ରଲର ପଛରୁ ଧକ୍କା ଦେଇଥିଲା । ଫଳରେ ଟ୍ରକ ମଧ୍ୟରେ ଥିବା ଚାରି ଜଣ ଯାତ୍ରୀ ଗୁରୁତର ଆହତ ହୋଇ ଟ୍ରକ୍ ମଧ୍ୟରେ ଚାପି ହୋଇ ରହିଥିଲେ । ଖବର ପାଇ ଜାତୀୟ ରାଜପଥ ପାଟ୍ରୋଲିଙ୍ଗ ପୁଲିସ ଏବଂ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଡା ଦମକଳ ବାହିନୀ ସହାୟତାରେ ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ସୁଜାତ କୁମାର ସାହୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି । ଆହତ ବ୍ୟକ୍ତିମାନେ ବିହାର ପାରଣା ଅଞ୍ଚଳର ସଞ୍ଜୟ ଯାଦବ, ଅନିଲ ଯାଦବ, ପଙ୍କଜ ଯାଦବ ଏବଂ ରାଜେଶ ଯାଦବ ବୋଲି ଜଣାପଡିଛି ।

ନୂଆପଡା ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ବୈଠକ

ନୂଆପଡ଼ା,୪/୨: ନୂଆପଡା ଜିଲ୍ଲା ଖରିଆର ରୋଡ୍ ଯୋଙ୍କ ନଦୀ ନିକଟସ୍ଥ ଶାନ୍ତି ଉଦ୍ୟାନ ଠାରେ ନୂଆପଡା ଜିଲ୍ଲା ସାମ୍ବାଦିକ ସଂଘର ସାଧାରଣ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି ଏ ସଂଘ ସଭାପତି ସୁରେଶ ଆଚାରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସଂଘର ସମ୍ପାଦକ ଦେବାନନ୍ଦ ଚାଣ୍ଡି ସଂଘର ପୂର୍ବର କାର୍ଯ୍ୟକଳାପ ଓ ଆଗାମୀ ଦିନରେ କ'ଣ ସବୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ସେ ଉପରେ ଆଲୋଚନା କରିଥିଲେ । ବିଶେଷ କରି ଆଗାମୀ ଏପ୍ରିଲ ମାସରେ ରାଜ୍ୟ ସ୍ତରୀୟ ସଭା ଅନୁଷ୍ଠିତ ହେବାର ସ୍ଥିରୀକୃତ ହୋଇଥିବା ବେଳେ ଜୁନରୁ ଜୁଲାଇ ଭିତରେ ନୂତନ କାର୍ଯ୍ୟକାରୀଣୀ କମିଟି ଚୟନ ଉପରେ ଆଲୋଚନା ହୋଇଥିଲା । ଏହା ସହ ଜିଲ୍ଲା ମୁଖ୍ୟାଳୟରେ ସାମ୍ବାଦିକଙ୍କ ପାଇଁ କୌଣସି କାର୍ଯ୍ୟାଳୟ କିମ୍ବା ବିଶ୍ରାମ ଗୃହର ଆବଶ୍ୟକତା ଥିବାରୁ ଏହାର ବ୍ୟବସ୍ଥା ଜିଲ୍ଲାକ ହେବ ସେ ଉପରେ ଆଲୋଚନା ହୋଇଛି । ଏହା ସହ ପ୍ରତ୍ୟକ ତିନି ମାସରେ ସାମାଜିକ ସଚେତନତା କାର୍ଯ୍ୟ ଯେମିତିକି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ସାମ୍ବାଦିକ ଚାଲିମ ଶିବିର ଭଳି ବିଭିନ୍ନ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଓ କେନ୍ଦ୍ର ସଦସ୍ୟ ଦୀପକ ମିଶ୍ରଙ୍କ ସହ ମନୋଜ କୁମାର ସଗରିଆ ଜିଲ୍ଲାରେ ସାମ୍ବାଦିକ ସଂଘର ସୁବିଧା ଅସୁବିଧା ଉପରେ ଆଲୋଚନା କରିଥିଲେ । ଏହା ସହ ସଂଘର ନୂତନ ଛୋଟା ନିର୍ମାଣ ଉପରେ ଆଲୋଚନା ହୋଇଥିଲା । ଏହା ସହ ପ୍ରତ୍ୟକ ତିନି ମାସରେ ସାମାଜିକ ସଚେତନତା କାର୍ଯ୍ୟ ଯେମିତିକି ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର, ସାମ୍ବାଦିକ ଚାଲିମ ଶିବିର ଭଳି ବିଭିନ୍ନ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି । ଏହି ଅବସରରେ ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ଓ କେନ୍ଦ୍ର ସଦସ୍ୟ ଦୀପକ ମିଶ୍ରଙ୍କ ସହ ମନୋଜ କୁମାର ସଗରିଆ ଜିଲ୍ଲାରେ ସାମ୍ବାଦିକ

କରଦା ହରିହାଟ ମହୋତ୍ସବ ଉଦ୍‌ଯାପିତ, ଧମାଲ କଲେ ଭୂମିକା

କୋରେଇ,୪/୨(ନି/ପ୍ର): ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ କରଦା ସଂଚାୟତର ଗଣପର୍ବ ହରିହାଟ ମେଳା ଶନିବାର ତଥା ସର୍ବ ପୁରାତନ ମେଳା ମାସସପ୍ତମୀରେ ଶୁଭାରମ୍ଭ ହୋଇଥିବା ବେଳେ ମହୋତ୍ସବର ସପ୍ତମ ସନ୍ଧ୍ୟା ସେମାବାର ରାତ୍ରିରେ ଉଦଯାପିତ ହୋଇଛି । ମହୋତ୍ସବ କମିଟିର ସଭାପତି ପ୍ରମୋଦ ମହାପାତ୍ରଙ୍କ ସଭାପତିତ୍ୱ ଓ ସୌମ୍ୟା ଚାର୍ଚ୍ଚାଙ୍କ ସଂଚାଳନାରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ ଯୋଗଦେଇ ନିବେଦ ଯଜ୍ଞର ପରମ୍ପରା ଓ କୋରେଇକୁ ବିକଶିତ କରିବା ସମୟ ଆସିଛି ବାଲି ମନ୍ତବ୍ୟକ୍ତ କରିଥିଲେ । ସମ୍ମାନୀୟ ଅତିଥି ଭାବେ ବଚନଶା ବିଧାୟକ ଅମର ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଯେନା, ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ବିଜେପି ଟଂଚାୟତ ସଭାପତି କାର୍ତ୍ତିକ ସାହୁ ପ୍ରମୁଖ ଯୋଗଦେଇଥିଲେ । ଅନ୍ୟତମ ଅତିଥିଭାବେ ବଚନଚିତ୍ର ତାରକା ତଥା ଯୁବନେତା ଅନିନ୍ଦମ ରାୟ ଯୋଗଦେଇ ବର୍ଷଙ୍କର ମୁଖ୍ୟ ଆକର୍ଷଣ ସାଜିଥିଲେ । ସମ୍ମାନକ ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ସୁଧାଶଙ୍କର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ଡ଼ିଟାଲ ପେଣ୍ଡାଲରେ ମହୋତ୍ସବ ଆୟୋଜନ କରାଯାଇଥିବା ବେଳେ ବଚନଚିତ୍ର ଅଭିନେତ୍ରୀ ଭୂମିକା ବର୍ଷକ ମାଡ଼ଙ୍କୁ ନଚାଇଥିଲେ । କୁମାର ମଂଟୁ ଓ ଉଷା କୁମାରୀଙ୍କ ଉପସ୍ଥାପନା ବର୍ଷଙ୍କୁ ବିଭୋର କରିଥିଲା । ଖୋଧାଁର ଜ୍ରୀଷ୍ମା ଦ୍ୟାନ୍ସ ଗ୍ରୁପ, ରାଜା ଦ୍ୟାନ୍ସ ଗ୍ରୁପ, ବଥିଥୁପୁରର ଲୋକକଳା ପକ୍ଷରୁ ବର୍ଷକ ମାନଙ୍କୁ ନୃତ୍ୟ ସଙ୍ଗୀତରେ ଝୁମାଇଥିଲେ । ସେହିପରି ମେଳାରେ ଆଜି ସବୁଠୁ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଥିଲା । ପିଲାମାନେ ଦୋଳିର ମଜା ଉଠାଇଥିଲେ । ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପାଣିଜୋଳିରେ ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା । ଦୁର୍ଗା ଶଙ୍କର ପଣ୍ଡା, ଅଧ୍ୟାପକ ମାୟାଧର ଜେନା, ଅନିରୁଦ୍ଧ ମଲିକ, କାର୍ତ୍ତିକ ସ୍ୱାଇଁ, ଶୁଭ୍ରାଂଶୁ ପାତ୍ର, ରମେଶ ମଲିକ, ରାଜ କିଶୋର ଦାସ, ସତିବାନନ୍ଦ ସାହୁ, ତ୍ରିଲୋଚନ ସାହୁ, ସୁଦର୍ଶନ କୁଣ୍ଡୁ, ପ୍ରଭାକର ସାହୁ, ଚିନ୍ତାମଣି ସାହୁ, ଅଶୋକ କୁମାର ସାହୁ, ତୁଷାର ବେହେରା, ଶରତ ସେନାପତି, ପ୍ରଫୁଲ୍ଲ ଖଣ୍ଡାଲ ସମେତ ମେଳା ଓ ମହୋତ୍ସବରୁ କମିଟିର ସମସ୍ତ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ ।

ରୋଟାରୀ ଡ଼ିଷ୍ଟ୍ରିକ୍ଟ ୩୨୬୧ର ୨୦୨୬-୨୭ ବର୍ଷ ପାଇଁ ନିର୍ବାଚିତ ଅଧ୍ୟକ୍ଷ ଓ ସଚିବମାନଙ୍କ ଶିକ୍ଷଣ ସେମିନାର

ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ : ବାପୁଜୀ କ୍ଲବ ବିଜୟୀ

ଉଦ୍ରକ, ୪/୨(ନି/ପ୍ର): ଏହି ଜିଲାର ଧାମନଗର ବ୍ଲକ ବେହୁଡି ଆନନ୍ଦପୁର ଜଗନ୍ନାଥ ହାଇସ୍କୁଲ ପଡିଆ ଠାରେ ରାମଚନ୍ଦ୍ର ଦାଶ ସ୍ମୃତି ସଂଘ ଓ ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ସୋମବାର ଉଦଘାଟିତ ହୋଇଯାଇଛି । ଉଦଘାଟନୀ ମ୍ୟାଚ ଉଦ୍ରକର ଲକ୍ଷକୋଷ୍ଟ ରେଲୱେ ସହିତ ଭୁବନେଶ୍ୱର ର ବାପୁଜୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇ ବାପୁଜୀ କ୍ଲବ ବିଜୟ ହୋଇଛି । ଲକ୍ଷ କୋଷ୍ଟ ରେଲୱେ ଟସ୍ ଜିତି ବ୍ୟାଟିଂ କରିବା ନିଷ୍ପତ୍ତି ନେଇ ୨୦ ଓଭର ରେ ୯ ୱିକେଟ ହରାଇ ୧୩୩ ରନ କରିଥିଲା । ଦଳ ପକ୍ଷରୁ ଅଂଶୁମାନ ମହାନ୍ତି ସର୍ବାଧିକ ୪୧ ରନ,ଏମ ଡି ସାହା ଅର୍ମାନ ୩୩ ରନ କରିଥିଲେ । ଦଳ ପକ୍ଷରୁ ପ୍ରୟାସ ରାଜ ସିଂ ସର୍ବାଧିକ ୩ଟ ରନ , ସିଦ୍ଧାନ୍ତ ଜେନା ୨୪ ରନ କରିଥିଲେ । ପ୍ରତିପକ୍ଷ ବୋଲର ନନ୍ଦା ମୁଣ୍ଡା ୩.୫ ଓଭର ରେ ୨ ୱିକେଟ,ସାଇଲ ଖାନ ୩ ଓଭର ରେ ୨ ୱିକେଟ ଅକ୍ଟିଆର କରିଥିଲେ।ମାଖନ ଅଫ୍ ବି ମ୍ୟାଚ ଭାବେ ବାପୁଜୀ କ୍ଲବ ର ଅତୁଲ ସିଂ ସୁରଓ୍ୱାର ଙ୍କୁ ସମାଜସେବୀ ଜଗବନ୍ଧୁ ସାହୁ ପୁରସ୍କୃତ କରିଥିଲେ। ସୌମ୍ୟାରଂଜନ ଦାସ ଓ ଜ୍ୟୋତିପ୍ରକାଶ ମଲ୍ଲିକ ମ୍ୟାଚ ପରିଚାଳନା କରିଥିଲେ।ନିହାର ରଞ୍ଜନ ବେହେରା ଓ ସୁଧାଂଶୁ ସାହୁ ସ୍କୋରର ଥିବାବେଳେ ବଳରାମ ସାହୁ ଅମ୍ପାୟର ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡେଇ ,ଏସ କେ ଇମ୍ରାନ ଧାରାବିବରଣୀ ପ୍ରଦାନ କରିଥିଲେ।ସର୍ବଭାରତୀୟ ରାମଚନ୍ଦ୍ର ଦାଶ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଂଟ ର ଉଦଘାଟନୀ ଉତ୍ସବରେ ଅତିଥି ଭାବେ ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ମୁନିମାଳା ବିଶ୍ୱାଳ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ସଭ୍ୟ ପ୍ରଭାତ ମଲ୍ଲିକ,ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ , , ପୂର୍ବତନ ସରପଂଚ ଶରତ ମାଝୀ ,ଖପରପଦା ସମିତି ସଭ୍ୟ ଭାରତ ବିଜୟ ଦଳାଲ ପ୍ରମୁଖ ଯୋଗଦେଇ ସର୍ବ୍ବ ଟୁର୍ଣ୍ଣାମେଂଟ ଉଦଘାଟନ କରିଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ

ଖୋର୍ଦ୍ଧା,୪/୨(ନି/ପ୍ର): ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ପୌରହିତ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଜାତୀୟ କନ୍ୟା ସନ୍ତାନ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି । ଏହି ଅବସରରେ ବ୍ୟାପକ ସଚେତନତା ଜାଗରଣ କରିବା ନିମନ୍ତେ ଏକ ସପ୍ତାହ ବ୍ୟାପି ୧୭ ଜାନୁୟାରୀ ଠାରୁ ୨୪ ଜାନୁୟାରୀ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ସ୍କୁଲ, କଲେଜ ସୁଡିକରେ ଚିତ୍ରାଙ୍କନ, ନିବନ୍ଧ, ବକ୍ତୃତା ଓ ଅନ୍ୟାନ୍ୟ ପ୍ରତିଯୋଗିତାମାନ ଆୟୋଜିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଣୀସକ ପ୍ରତାପ ଚନ୍ଦ୍ର ବେଉରା, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିଭୁୀତ କୁମାର ହିଆଳ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଆରକ୍ଷୀ ନିରୀକ୍ଷକ ମମତା ପତି ଯୋଗଦେଇଥିଲେ ଏ ଜାତୀୟ କନ୍ୟା ସନ୍ତାନ ଦିବସ ପାଳନର ଉଦ୍ଦେଶ୍ୟ ଆଲୋଚନା ମୁଖ୍ୟ, କନ୍ୟା ସନ୍ତାନ ମାନଙ୍କର ଅଧିକାର ଏବଂ ସେମାନଙ୍କ ସଶକ୍ତିକରଣ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ବିସ୍ତୃତ ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ ।

ଦର୍ଶକଙ୍କ ମନ ମୋହିଲା ସମ୍ବଲପୁରୀ ନାଟକ 'କଥାନୀ ଢଳତି ବେଳାର'

ସମ୍ବଲପୁର,୪/୨(ନି/ପ୍ର): ସମ୍ବଲପୁର ନାଟ୍ୟକଳା ପରିଷଦର ନାଟକ 'କଥାନୀ ଢଳତି ବେଳାର' ଭୁବନେଶ୍ୱରରେ ସଫଳତାର ସହ ମଂଚସ୍ଥ ହୋଇଯାଇଛି । ନାଟକକୁ ମୁଖ୍ୟ ସ୍ରୋତରେ ଆଣିବା ପାଇଁ ତଥା ନାଟ୍ୟ ଦଳ ମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଓଡିଶା ନାଟ୍ୟ ସଂଘ ପକ୍ଷରୁ ଭୁବନେଶ୍ୱର ଠାରେ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡିଶା ସଂଗୀତ ନାଟକ ଏକାଡେମିର ମିଳିତ ସହଯୋଗରେ ଓଡିଶାର ବିଭିନ୍ନ ନାଟ୍ୟଦୁଷ୍ଟାନ ମାନଙ୍କୁ ନେଇ 'ନାଟ୍ୟ ଧାରା' ର ଆୟୋଜନ କରିଆସୁଛି ଏ ଏହି କ୍ରମରେ ଭୁବନେଶ୍ୱର ଭଞ୍ଜ କଳା ମଣ୍ଡପ ଠାରେ ଫେବୃଆରୀ ୧ ରୁ ୩ ତାରିଖ ଯାଏ ତିନୋଟି ନାଟକ ମଂଚସ୍ଥ ହୋଇଯାଇଛି । ଫେବୃଆରୀ ୨ ତାରିଖରେ ସମ୍ବଲପୁର ନାଟ୍ୟକଳା ପରିଷଦ ପକ୍ଷରୁ ସମ୍ବ

ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ମୂଳ ରୂପରେ ଫେରାଇ ଅଣାଯିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ରାଉରକେଲା,୪/୨(ନି/ପ୍): ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ମୂଳ ରୂପରେ ଫେରାଇ ଆଣିବା ପାଇଁ ଆଜି ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି ଯୁଥିଏ ସରକାରଙ୍କ ପକ୍ଷରୁ ୨୦୦୫ରେ ପ୍ରଣୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ରୋଜଗାର ନିଶ୍ଚିତ ଆଇନ (ମଗଣରେଗାଏଚ) ଏକ ଅଧିକାର-ଆଧାରିତ ଆଇନ ।ଏହା ପ୍ରତିବର୍ଷ ୫ରୁ ୬କୋଟି ଗ୍ରାମୀଣ ପରିବାରକୁ ମଜୁରୀ ଭିତିକ ରୋଜଗାର ଦାବି କରିବାର ଆଇନଗତ ଅଧିକାର ଦେଇଆସିଥିଲା । ଏଥିରେ ହିତାଧିକାରୀଙ୍କ ଦାବି ପରେ ୧୫ ଦିନ ମଧ୍ୟରେ ଜୀବିକା ଯୋଗାଇବା ରାଜ୍ୟର ଆଇନଗତ କର୍ତ୍ତବ୍ୟ ଥିଲା । ଜୀବିକା ଯୋଗାଇବାରେ ବିଫଳ ହେଲେ ସରକାରଙ୍କୁ ବେରୋଜଗାର ଭତା ଦେବାକୁ ପଡୁଥିଲା । ଏହି ଯୋଜନା ଅଧୀନରେ ଗ୍ରାମୀଣ ମଜୁରୀ ବଢିଛି ଏବଂ ସାମାଜିକ ଜୀବନରେ ରୋଜଗାରକୁ ବୀର୍ଯ୍ୟସ୍ଥାୟୀ କରିଆସିଥିଲା । ଏହାର ଚାହିଦା ଭିନ୍ନିକ ରୂପରେଖ, ନିଶ୍ଚିତ ମଜୁରୀ ଓ ସିଧାସଳଖ ବ୍ୟାଙ୍କ ଆକାଉଣ୍ଟରେ ଜମା, ବିଶେଷକରି ମହିଳା, ଦଳିତ, ଆଦିବାସୀ ଓ ପ୍ରାନ୍ତବର୍ତୀ ସମୁଦାୟଙ୍କୁ ଲାଭାନ୍ୱିତ କରିଥିଲା । ଏହି ଯୋଜନା ଅଧୀନରେ ସମୁଦାୟ କାର୍ଯ୍ୟଦିନର ପ୍ରାୟ ୬୦% ମହିଳାମାନଙ୍କର ରହିଆସିଥିଲା । କେନ୍ଦ୍ର ସରକାରଙ୍କ ଦ୍ୱାରା ନୂତନ ଠଣ-ଏଜରେଗ-ଏ ଯୋଜନା ଏହି ଆଇନ ଠାରୁ ସମ୍ପୂର୍ଣ୍ଣ ଭାବେ ଭିନ୍ନ, ଏହା କାମର ଆଇନଗତ ନିଶ୍ଚିତତାକୁ ହଟାଇଛି ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଏହା କେନ୍ଦ୍ର ସରକାରଙ୍କ ହାତରେ ନିଷ୍ପତ୍ତିକୁ କେନ୍ଦ୍ରୀଭୂତ କରୁଛି । ଗ୍ରାମସଭା ଓ ପଂଚାୟତକୁ ଦୁର୍ବଳ କରିବା ସହିତ କେନ୍ଦ୍ରର ମଜୁରୀ ଅଂଶଦାନକୁ ପ୍ରାୟ ୯୦ ପ୍ରତିଶତରୁ ୬୦ ପ୍ରତିଶତ କମାଇ ରାଜ୍ୟ ଓ ଗ୍ରାମୀଣଙ୍କ ଉପରେ ଆର୍ଥିକ ଭାର ଲଦି ଦେବା । କୃଷି ଋତୁରେ ମଧ୍ୟ ସୀମିତ ବଜେଟ ଯୋଗୁଁ କାମଧରା ନ ମିଳିବାର ଆଶଙ୍କାକୁ ସ୍ୱଷ୍ଟ କରୁଛି । ମଜୁରୀ ସୁରକ୍ଷାର ଶିଥିଳତା ଯୋଗୁଁ, ରୋଜଗାର କମିବା ଥୟ । ମଜୁରୀ କମିଲେ ଗ୍ରାମୀଣ ଦୁଃଖ ବଢ଼ିବା ନିଶ୍ଚିତ । ଯୋଜନାରୁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମ ହଟାଯିବା ଦ୍ୱାରା ଶ୍ରମର ମର୍ଯ୍ୟାଦା ପ୍ରତି ଅପମାନ ହୋଇଛି । ଗ୍ରାମ୍ୟ ସ୍ୱରାଜଶାସନ ପାଶାପାଶି ଦେବା ସହ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ମୂଳଭାବାଧକୁ ଶିଥିଳ କରିବାର ଏହା ଏକ ଗଭୀରତର ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଗ୍ରାମୀଣ ଜୀବିକା ଉପରେ ଏହି ଆକ୍ରମଣର ଗମ୍ଭୀରତାକୁ ଧ୍ୟାନରେ ରଖି, କଂଗ୍ରେସ ପକ୍ଷରୁ ଗଣଅଭିଯାନ ବଚାଏଇ ସଂଗ୍ରାମ କରିବା ଏବଂ ଗଣଅଭିଯାନ-ଆଧାରିତ ରୂପରେ ଫେରିପାଇବା ଏହି ନୂଆ ଆଇନ ଜୋଡି ଜୋଡି ଶ୍ରମିକଙ୍କ ଅଧିକାର ଉପରେ ଡକାୟତି ଓ ମେହନତି ଲୋକଙ୍କର ପେଟରେ ଲାତ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଗରିବମାନଙ୍କର କାମ ମାଗିବାର ଅଧିକାରକୁ ଛଡ଼େଇ ନିଆଯାଇଛି । ତଫସିଲଭୁକ୍ତ ଜାତି, ଜନଜାତି ଏବଂ ଓବିସି ସମାଜର ମନରେଗା ବାୟିତ୍ୱକୁ କେନ୍ଦ୍ର ସରକାର ପଳାୟନ କରୁଛନ୍ତି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ମନରେଗା ଆଇନରେ ଶ୍ରମିକ ମଜୁରୀର ସମ୍ପୂର୍ଣ୍ଣ ବଜେଟ୍ କେନ୍ଦ୍ର ସରକାର ଦେଉଥିଲେ ମଧ୍ୟ ନୂଆ ଆଇନରେ କେନ୍ଦ୍ର ସରକାର କେବଳ ୬୦ ପ୍ରତିଶତ ବଜେଟ୍ ଦେବେ ଏବଂ ୪୦ ପ୍ରତିଶତ ରାଜ୍ୟ ସରକାରଙ୍କୁ ଦେବାକୁ ପଡ଼ିବ । ଜିଏସ୍ ?ଟି ଓ କେନ୍ଦ୍ରୀୟ ସେସ୍ ମାଧ୍ୟମରେ ପ୍ରତିବର୍ଷ ୫ ଲକ୍ଷ କୋଟି ଟଙ୍କା ଆଦାୟ କରିବା ପରେ ଆଉ ରାଜ୍ୟମାନଙ୍କ ପାଖରେ ଟଙ୍କା ନାହିଁ । ରାଜ୍ୟ ଏହି ଯୋଜନାରେ ଟଙ୍କା ଦେଇପାରିବେ ନାହିଁ, ଶ୍ରମିକମାନେ ରୋଜଗାର ପାଇବେ ନାହିଁ । ମୁଷ୍ଟି ବିଛିଲେ ମୁଷ୍ଟ କାଟ ପରି ଅବସ୍ଥା, ଶ୍ରମିକଙ୍କର କାମ ମାଗିବା ଅଧିକାର ଛଡ଼େଇ ନିଆଯାଉଛି । ମନରେଗା ଏକ ଦାବି ଭିତ୍ତିକ ଆଇନ । ଶ୍ରମିକ କାମ ମାଗିଲେ କାମ ଦେବାକୁ ପଡ଼ିବ । ନୂଆ ଆଇନରେ କେଉଁ ରାଜ୍ୟରେ, କେଉଁ ଅଂଚଳରେ, କେତେ ଦିନ କାମ ଦିଆଯିବ କେନ୍ଦ୍ର ସରକାର ନିଷ୍ପତ୍ତି ନେବେ । ସମସ୍ତ ଅଧିକାର କେନ୍ଦ୍ର ପାଖରେ ରହିବ । ଶ୍ରମିକଙ୍କ ପାଖରେ ରୁଚିଁ । କେନ୍ଦ୍ର ସରକାରଙ୍କ ଦୟାରେ ବଜେଟ୍ ହେବ । ମନରେଗାରେ ବଜେଟରେ କୌଣସିସୀମା ନଥିଲା । ନୂଆ ଆଇନରେ କେନ୍ଦ୍ର ସରକାର ଯାହାକୁ ଚାହିଁବେ ଦେବେ, ଯାହାକୁ ଚାହିଁବେ ଦେବେନି । ମନମୁଖୀ ବାଟ, ନିଜ ଲୋକଙ୍କୁ ଲାଭ ମନରେଗାର ଗ୍ୟାରେଣ୍ଟି ବନାମ କେନ୍ଦ୍ର ପ୍ରାୟୋଜିତ ଯୋଜନା । ମନରେଗା ୧୦୦ ଦିନର କାମର ଆଇନଗତ ଗାରାଣ୍ଟି, ଯାହା ସଂବିଧାନର ଧାରା ୩୯(ଏ) ଓ ୪୧ର ପ୍ରତିଫଳନ । ନୂଆ ଆଇନରେ ଏହାକୁ କେବଳ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା କରାଯାଇଛି । ରୋଜଗାରର ଅଧିକାର ସମାପ୍ତ ବୋଲି ରାଉରକେଲା ଜିଲ୍ଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଧାରଣା ଓ ବିକ୍ଷୋଭରେ ଜିଲ୍ଲା କଂଗ୍ରେସ ସଭାପତି ବାବିର ହୁସେନ, ବୀରେନ୍ଦ୍ର ନାଥ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରବି ରାୟ, ପ୍ରବୋଧ ବାସ, ରଣ୍ଜି ରଞ୍ଜନ ପାଢୀ, ବରିଷ୍ଠ ନେତା ରାମାନନ୍ଦ ଶ୍ରୀଚନ୍ଦନ, ଝରଣା ତ୍ରିପାଠୀ, ଜୀର୍ଜନ ବାସ, ଭମେଶ ଚନ୍ଦ୍ର ଶରଣ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ବ୍ରଜ ତ୍ରିପାଠୀ, ବିନୋଦ ଚନ୍ଦ୍ର ରାଉତ, ଯୁବ କଂଗ୍ରେସ ସଭାପତି ସୁମିତ ଜଂସାରୀ, ଅଜୟ ଖାଲକୋ, ଅମିତ୍ କୁମାର ବାରା, ସରୋଜ କୁମାର ଲେଙ୍କା, ସିକନ୍ଦର ଅହମ୍ମଦ, ପ୍ରଫୁଲ୍ଲ ଜଂସାରୀ,ଫୁଲ ଜଂସାରୀ, ମାନୁ ସାମଲ, ରାଜେଶ ଟପ୍ପୋ, ରଞ୍ଜିତା ମଲ୍ଲିକ, ଶିବ ସୁନା, ଲକ୍ଷ୍ମୀଧର କୁଶିଲ, ସୁଖଦେବ ଚାଣ୍ଡି, ଆକାଶ ବୀସ୍ ପ୍ରମୁଖ ଉପସ୍ଥିତ ଥିଲେ ।

ଯତରା -୨୦୨୬ର ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ବୈଠକ

ସୁନ୍ଦରଗଡ଼,୪/୨(ନି/ପ୍): ଚଳିତ ଫେବୃଆରୀ ୮ ରୁ ୧୨ ତାରିଖ ଦିନ ସ୍ଥାନୀୟ ଯତରା ପଡ଼ିଆ ଠାରେ ଅନୁଷ୍ଠିତ ହେବ ଜିଲ୍ଲା ମହୋତ୍ସବ 'ଯତରା -୨୦୨୬' । ଏହି ଅବସରରେ ପ୍ରତ୍ୟେକ ବର୍ଷ ଭଳି ଯତରାର ପ୍ରଥମ ଦିବସରେ ସହର ମଧ୍ୟରେ ଏକ ସାଂସ୍କୃତିକ ଶୋଭାଯାତ୍ରା ମଧ୍ୟରେ ମଶାଲ ଶୋଭାଯାତ୍ରା ଆୟୋଜିତ ହେବା ଏହି ସାଂସ୍କୃତିକ ଶୋଭାଯାତ୍ରା ଆୟୋଜନ ନେଇ ସ୍ଥାନୀୟ ସବଭାବନା ଭବନଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ନିଷ୍ପତ୍ତି ଅନୁସାରେ ଫେବୃଆରୀ ୮ ତାରିଖ ଦିନ ସକାଳ ୭ ଟା ସମୟରେ ସମଲେଇ ମନ୍ଦିର ଠାରେ ପୂଜାର୍ଚ୍ଚନା କରି ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଆରମ୍ଭ ହେବ । ଏହି ଶୋଭାଯାତ୍ରା ଟି ସମଲେଇ ମନ୍ଦିର ରୁ ବାହାରି ଜଗନ୍ନାଥ ମନ୍ଦିର ଛକ, ବି ଏସ ହାଇସ୍କୁଲ ଛକ, ପଟମୁଖି ହନୁମାନ ମନ୍ଦିର ଛକ, ରାଉରକେଲା ଛକ , ପୁରୁଣା ବସଷ୍ଟାଣ୍ଡ ଛକ, ଡି ଆର ଡି ଏ ଛକ , ଅଟଳ ଛକ, ଟାଉନ ଥାନା ଛକ , ଗଙ୍ଗାଡ଼ିପା ଛକ ଦେଇ ଯତରା ପଡ଼ିଆ ରେ ପହଂଚିବ । ଏହି ସମସ୍ତ ଛକ ମାନଙ୍କରେ ସାଂସ୍କୃତିକ ଶୋଭାଯାତ୍ରା କୁ ବିଭିନ୍ନ ଅନୁଷ୍ଠାନ, ପୂଜା କମିଟି, ସଂଗଠନ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମ ରେ ସମସ୍ତ ବୁଦ୍ଧି ରୁ ସାଂସ୍କୃତିକ ଦଳ ଏବଂ ଅନ୍ୟାନ୍ୟ ସାଂସ୍କୃତିକ ଦଳ ଗୁଡ଼ିକ ଯୋଗ ଦେବେ । ଏହି ଅବସରରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଏବଂ କାର୍ଯ୍ୟକ୍ରମକୁ ଶାନ୍ତିପୂର୍ଣ୍ଣ ଭାବେ ଆୟୋଜନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କମିଟି, ସଂଗଠନ ତଥା ସମସ୍ତ ଜିଲ୍ଲାବାସୀ ମାନଙ୍କର ସହଯୋଗ କାମନା କରାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁରଜ ପଟ୍ଟନାୟକ, ସବର ଉପଜିଲ୍ଲାପାଳ ଶ୍ରୀମତୀ ଡେଜସ୍ୱିନୀ ବେହେରା,ପି ଏ ଆଇ ଟି ଡି ଏ ଶ୍ରୀ ଧୀରେନ୍ଦ୍ର ସେଠୀ, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ,ବିଭିନ୍ନ ପୂଜା କମିଟି, ବିଭିନ୍ନ ସଂଘ, ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉପସ୍ଥିତ ରହି ନିଜର ବହୁ ମୂଲ୍ୟ ମତାମତ ପ୍ରଦାନ କରିଥିଲେ ।

ଅବକାରୀ ଚଢାଉ

ଜୟପୁର,୪/୨(ନି/ପ୍): ଅବକାରୀ ବିଭାଗ ପକ୍ଷରୁ ବୁଧବିନ ମଧ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ଚଢାଉ କରି ଦେଶୀ ମଦ ଓ ବିଦେଶୀ ମଦ ଜବତ କରାଯାଇଛି । ଗତକାଲି ଜୟପୁର ସବରଥାନା ଅନ୍ତର୍ଗତ ଗାଙ୍ଗୁଲୁଡା ଠାରୁଗଣ୍ଡପାଲିମଦଗାଲାଣ୍ଡ କଲୁଥିବା ବେଳେ ଅବକାରୀ ପୁଲିସ ରଣ୍ଡାପାଲି ନିକଟରେ ବଳରାମ ହରିଜନଙ୍କୁ ଗିରଫ କରି ତା ଠାରୁ ୬ଲିଟର ଦିଶିର ଜବତ କରିଛନ୍ତି।

କ୍ଲିନ୍ ଆଣ୍ଡ ଗ୍ରୀନ୍‌ର ବନ୍ଧୁମିଳନ କାର୍ଯ୍ୟକ୍ରମ

ରାଉରକେଲା,୪/୨(ନି/ପ୍): ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଉପରେ କାର୍ଯ୍ୟକରୁଥିବା ସାମାଜିକ ଅନୁଷ୍ଠାନ କ୍ଲିନ୍ ଆଣ୍ଡ ଗ୍ରୀନ୍ ଚରଫରୁ ଷଷ୍ଠତମ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସେକ୍ଟର ୬ ସ୍ଥିତ ଇଷ୍ଟାର୍ନ ସରୋବର ଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଡାକ୍ତର ଦେବେନ୍ଦ୍ର କୁମାର ସେଠୀଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ପ୍ରବୀପ କୁମାର ବାସଙ୍କ ଆବାହକତ୍ୱ ଓ ସଂଗଠନ ସମ୍ପାଦକ ହିମାଂଶୁ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ସଦସ୍ୟ ସଦସ୍ୟା ମାନେ ଯୋଗଦେଇ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ନୃତ୍ୟ ଗୀତ ମାଧ୍ୟମରେ ଦିନଟିକୁ ଉପଭୋଗ କରିଥିଲେ । ଏହି ଅବସରରେ ସମସ୍ତଙ୍କ ମଧ୍ୟରେ ଐକ୍ୟତାବଦ୍ଧତା,ସେବି ।ହାର୍ଦ୍ଦପୂର୍ଣ୍ଣ ବାତାବରଣ ବଜାୟ ରଖିବା ସହ ସହରକୁ ସୁନ୍ଦର ସବୁଜ, ସ୍ୱଚ୍ଛ, ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାପରେ ସମସ୍ତେ ସୁସ୍ୱାଦୁ ବ୍ୟଞ୍ଜନର ଭରପୁର ମଜା ଉଠାଇଥିଲେ । ଏହି କାର୍ଯ୍ୟକ୍ରମ ପରିଚାଳନା ରେ ସର୍ବଶ୍ରୀ ମନୋଜ ନାୟକ, ଅଶୋକ ପଟେଲ, ପ୍ରବୀପ୍ତ ଭୋଲ, ବୈଦ୍ୟୋରୀ ସାହୁ,ଏସ ଆର୍ ବଜ ଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ସଫଳତା ପାଇଁ ଅନୁଷ୍ଠାନ ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରାଯାଇଛି ।

ବଡ଼ନୂଆଗାଁ ମିଶନ ବିଦ୍ୟାଳୟରେ ଶତ ବାର୍ଷିକ ଉତ୍ସବ ପାଳିତ

ରାଉରକେଲା,୪/୨(ନି/ପ୍): ଢେଲୁଆ ଗ୍ରାମ ପଂଚାୟତ ଅନ୍ତର୍ଗତ ବଡ଼ ନୂଆଗାଁ ମିଶନ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ଶତ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା କିଜଣ ଦେଇଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଉରାଙ୍ଗପୁର ବିଧାୟକ ରାଜନ ଏକ୍କା ଯୋଗଦେଇ ବକ୍ତବ୍ୟ ରଖିଥିଲେ ଯେ, ଶିକ୍ଷକ ମାନଙ୍କ ତ୍ୟାଗ, ସମର୍ପଣ ଓ ସେବା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ସାହାଯ୍ୟ କରେ । ମିଶନ ବିଦ୍ୟାଳୟର ଶୃଙ୍ଖଳା, ଶିକ୍ଷାଦାନ ଅନନ୍ୟ ବୋଲି କହିବା ସହିତ ବିଦ୍ୟାଳୟର ଉନ୍ନତି ନିମିତ୍ତ ଦଶ ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ । ସମ୍ମାନିତ ଅତିଥି ତଥା ରାଉରାଙ୍ଗପୁର ମଣ୍ଡଳ ଶିକ୍ଷା ଅଧିକାରୀ ସରିତା ସରୋନିଆ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ତଥା ଜାତୀୟ ଶିକ୍ଷା ନୀତି ସମ୍ବନ୍ଧରେ ଆଲୋଚନାପାତ କରିବା ସହ ଅଭିଭାବକମାନେ ବିଦ୍ୟାଳୟ ସହିତ ସହଭାଗୀ ଓ ସମଭାଗୀ ହେବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟଭାଷ ତଥା ଟିକିଟିକି ସୁନାଫୁଲର ସମ୍ପାଦକ ସୁନୀଲ ମହାନ୍ତି ବକ୍ତବ୍ୟ ରଖିଥିଲେ ଯେ, ନିଃସ୍ୱାର୍ଥ ସେବା, ନିଃସର୍ତ୍ତ ଭଲ ପାଇବା ଓ ଅସୀମ ତ୍ୟାଗ ସ୍ୱୀକାର ପୂର୍ବକ ବିଭିନ୍ନ ସମସ୍ୟାର ମୁକାବିଲା କରି ଶିକ୍ଷକ ଯେଉଁ ଛାତ୍ରଛାତ୍ରୀଙ୍କୁ ଗଢିଥାଏ, ତାହା ହିଁ ତାଙ୍କ ପାଇଁ ଶ୍ରେଷ୍ଠ ପୁରସ୍କାର ହୋଇଥାଏ । ଶିକ୍ଷକ ହିଁ ଭଲ ମଣିଷ ଗଢିବାକୁ ଆପ୍ରାଣ ଚେଷ୍ଟା କରିଥାଏ । ଏହି ଅବସରରେ ରାଉରାଙ୍ଗପୁର ପାରିସି ପାବର ଶାନ୍ତି ପ୍ରକାଶ କେରକେଟା, ସରପଟଂ ଚମ୍ପାବତୀ ଏକ୍କା, ଆଲୁନିନି ସଭାପତି ଭ୍ୟାଣିଉସ ଟପ୍ପୋ, ରଖଖିଆଲ ଲାକ୍ରା, ପାରିସ ସଭାପତି ଜେମୁ କେରକେଟା, ନୂଆସ ଏକ୍କା, କାଉନସିଲର ଗାନ୍ଧାଖିର ମିଞ୍ଜି, ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜର୍ଜ ଜେମୁ ଖାଖା ଧନ୍ୟବାଦ ପ୍ରଦାନ ପୂର୍ବକ ବିଦ୍ୟାଳୟର ଉନ୍ନତି ନିମନ୍ତେ ଆମର ଅଭିଭାବକ ମାନେ ବୃଷ୍ଟି ଦେବାକୁ ଅନୁରୋଧ କରିଥିଲେ କ୍ଷ ଶିକ୍ଷୟିତ୍ରୀ ଅନୁପମା ପଟେଲ ଓ ଗୀତାଞ୍ଜଳି ପଟେଲ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଛାତ୍ରଛାତ୍ରୀ ଦ୍ୱାରା ନୃତ୍ୟ ସଂଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅବସରରେ ବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ଓ ବୃତ୍ତି ପରୀକ୍ଷାରେ ସଫଳ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା ।

ବିଶ୍ୱ କର୍କଟ ସଚେତନତା ଦିବସ

ଭୁବନେଶ୍ୱର,୪/୨(ନି/ପ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ଅନୁଷ୍ଠାନ ଆନୁକୂଲ୍ୟରେ ରାଜ୍ୟ କାର୍ଯ୍ୟାଳୟ ପରିସରରେ ଆଜି ତା୪.୨.୨୦୨୬ରିଖ ଦିନ ବିଶ୍ୱ କର୍କଟ ସଚେତନତା ଦିବସ ପାଳନ କରାଯାଇଛି । ରାଜ୍ୟ ଯୁଗ୍ମ ସଂପାଦକ ଶ୍ରୀ ମିହିର ରଂଜନ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ଜିଲ୍ଲାରୁ ୨୦୦ରୁ ଉର୍ଦ୍ଧ୍ୱ ରୋଭର ଓ ରେଞ୍ଜର ଯୋଗ ଦେଇଥିଲେ । କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଲାମ ଜୀବନ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ଓଡ଼ିଶାର ଡକ୍ଟର ଏମ୍.ଡ଼ି. ଇମ୍ତାଜ୍ ଅଲ୍ଲୀ ଯୋଗଦାନ କରି ଏହି ରୋଗ ବିଷୟରେ ବିଶଦ୍ ବିବରଣୀ ପ୍ରଦାନ କରିଥିଲେ । କର୍କଟ ରୋଗ କିପରି ହୁଏ, ଏହାର ନିରକରଣ ଏବଂ ଶରୀରକୁ କିପରି ଭାବରେ ସୁସ୍ଥମୟ ଜୀବନ ଯାପନ କରିପାରିବା ସେ ବିଷୟରେ ପିଲାମାନଙ୍କୁ ବୁଝାଇବା ସଂଗେ ସଂଗେ ନିଶା ନିବାରଣ ପାଇଁ ଶପଥପାଠ କରାଇଥିଲେ । ଗ୍ରାମ କରେ ଲୋକମାନଙ୍କୁ ଏହି ମାରାତ୍ମକ ରୋଗ ବିଷୟରେ ସଚେତନ କରାଇବା ପାଇଁ ପ୍ରୋମାର୍ଣ୍ଣ ଦେଇଗଲେ । ତମାଖୁ, ଗୁଟକା ଏବଂ ବିଭିନ୍ନ ନିଶାଦ୍ରବ୍ୟ ଠାରୁ ଦୂରେଇ ରହିବା ପାଇଁ ରୋଭର ଓ ରେଞ୍ଜର ମାନଙ୍କୁ ସଚେତନ କରାଇଥିଲେ ।

ଦନ୍ତା ଉପଦ୍ରବ : ହନ୍ତସନ୍ତ ଗ୍ରାମବାସୀ

ବଣାଇ,୪/୨(ନି/ପ୍): ଦନ୍ତା ଉପଦ୍ରବରେ ନାକେଦମ୍ ହୋଇ ଗଲେଣି ଗାଁ ଲୋକେ । ଦନ୍ତା କେତେବେଳେ ଚାଷ ଜମିରେ ପଶି ଫସଲ ଖାଇ ଯାଉଛି ତ ଆଉ କେତେବେଳେ ଗାଁକୁ ଆସି ଯାଉଛି । ଗାଁ ବାଡ଼ିରେ ପଶି ପନିପରିବା ଖାଇ ଦେଉଛି । ଯେତିକି ଖାଉଛି ତା ଠାରୁ ଅଧିକ ବଳି ନଷ୍ଟ କରି ଦେଉଛି । ପୂର୍ବରୁ ଦନ୍ତା ରାତିରେ ଗାଁ କୁ ଆସୁଥିଲା ଏବେ ଦିନରେ ମଧ୍ୟ ପଶି ଆସୁଛି । ଦିନ ରାତି ଏବେ ହାତୀ ପାଇଁ ସମାନ ହୋଇ ଯାଇଛି । ଢିଙ୍କିଆମ, ପୁରୁଣା ପାଣି, ଲୋଇଲିଝର ଗ୍ରାମ ବାସୀଙ୍କ ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି । ହାତୀକୁ ଘଉଡ଼ାଇବାକୁ ଗ୍ରାମବାସୀ ଟିଣ , ବାଜିଟି ଧରି ବାଜା ବଜାଇ ଉଦ୍ୟମ ଜାରି ରଖୁଛନ୍ତି । ମାତ୍ର ହାତୀ ଉପରେ ଏହାର କୌଣସି ପ୍ରଭାବ ପଡୁନି । ଦନ୍ତା ହାତୀ ଯୋଗୁ ଉଭୟ ଗ୍ରାମବାସି ଏବଂ ବନ ବିଭାଗ ନାବେଦମ ହୋଇ ଗଲେଣି । କିଛି ସ୍ଥାନରେ ସୋଲାର୍ ବାଡ ଲଗାଇ ହାତୀ ।କୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରା ଯାଉଛି ।

ଆର୍ଥିକ ବର୍ଷ ୨୦୨୫ -୨୬ରେ ସେଲ, ଆରଏସପିର ପ୍ରମୁଖ ଉତ୍ପାଦନ କ୍ଷେତ୍ରରେ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ

ରାଉରକେଲା,୪/୨(ନି/ପ୍): ମହାରତ୍ନ କମ୍ପାନୀ ସେଲର ଅନ୍ୟତମ ୟୁନିଟ୍ ରାଉରକେଲା ଇସ୍ପାତ କାରଖାନା (ଆରଏସପି), ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହାର ସର୍ବକାଳୀନ ଶ୍ରେଷ୍ଠ ଅପ୍ରେଲ-ଜାନୁଆରୀ ପ୍ରଦର୍ଶନ ହାସଲ କରିଛି ଏବଂ ପ୍ରମୁଖ ଉତ୍ପାଦନ ଓ ଚାଲା